■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ଅସୁସ୍ଥତା ଯୋଗୁଁ ମୃତକଙ୍କ ପତ୍ନୀଙ୍କ ସାକ୍ଷ୍ୟ ଗ୍ରହଣ ନୋହିଲା

ବଲାଙ୍ଗିର, ୭।୨ (ସମିସ)

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସାକ୍ଷୀ ମାନଙ୍କର ବୟାନ ରେକର୍ଡ କରାଯାଉଛି। ଏହି ମାମଲାରେ ୬୮ ଜଣ ସାକ୍ଷୀ ଥିବାବେଳେ ଆଜି ଅତିରିକ୍ତ ଜିଲ୍ଲା ଦୌରା ଜଜ କୋର୍ଟରେ ୫୧ ନମ୍ବର୍ ସାକ୍ଷୀ ଭାବେ ମୃତ ସୌମ୍ୟଶେଖରଙ୍କ ପତ୍ନୀ ରିମାରାଣୀ ସାହୁଙ୍କ ସାକ୍ଷୀ ଗ୍ରହଣ କରାଯିବାର ଥିଲା। ରିମାରାଣୀ ଠିକ ସମୟରେ କୋର୍ଟରେ ଉପସ୍ଥିତ ମଧ୍ୟ ହୋଇଥିଲେ। ତେବେ ତାଙ୍କର ସାକ୍ଷୀ ଦେବା ପୂର୍ବରୁ ତାଙ୍କ ମୁଣ୍ଡ ବୁଲାଇବାସହ ଅସୁସ୍ଥ ମନେ କରିଥିଲେ। ଶାରୀରିକ ଅସୁସ୍ଥତା ଯୋଗୁଁ ରିମାରାଣୀଙ୍କ ସାକ୍ଷୀ ବୟାନ ରେକର୍ଡ ହୋଇପାରିଲା ନାହିଁ। ଯାହାକୁ ନେଇ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅନ୍ୟ ଏକ ଦିନ ସାକ୍ଷୀ ଗ୍ରହଣ କରିବାପାଇଁ ତାରିଖ ଧାର୍ଯ୍ୟ କରିଥିବା ସରକାରୀ ଓକିଲ ଆଶିଷ ଚନ୍ଦନଙ୍କଠାରୁ ଜଣାପଡିଛି।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ ତାରିଖରେ ପାଟଣାଗଡ ବ୍ଲକ ଛକ ବାସିନ୍ଦା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରବିନ୍ଦ୍ର ସାହୁଙ୍କ ଘରକୁ ଏକ ପାର୍ସଲ ପହଞ୍ଚିଥିଲା। ଉକ୍ତ ପାର୍ସଲ ରବିନ୍ଦ୍ରଙ୍କ ପୁଅ ସୌମ୍ୟଶେଖର ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ସୌମ୍ୟଶେଖର ଓ ତାଙ୍କ ଜେଜେ ମାଁ ଜେମାମଣି ପ୍ରାଣ ହରାଇଥିଲେ। ତାଙ୍କ ପତ୍ନୀ ରିମାରାଣୀ ସାହୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ଗୁରୁତର ହୋଇ ଦୀର୍ଘଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ପ୍ରଥମେ ପାଟଣାଗଡ ଥାନାରେ ଉକ୍ତ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ କରିଥିଲା। ହେଲେ ସେଭଳି କୌଣସି ସଫଳତା ନମିଳିବା ପରେ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ଭାବରେ ପୁଞ୍ଜି ଲାଲଙ୍କୁ ଗିରଫ କରିଥିଲା।

# ଲୋଇସିଂହାରେ ଅଟକିବ ପୁରୀ-ଦୁର୍ଗ ଏକ୍ସପ୍ରେସ୍

**ବଲାଙ୍ଗିର, ୭।୨(ସମିସ):** ବଲାଙ୍ଗିର ଜିଲ୍ଲା ତଥା ସମ୍ବଲପୁର ରେଳମଣ୍ଡଳ ଅଧୀନରେ ଥିବା ଲୋଇସିଂହାଠାରେ ଅଟକିବ ପୁରୀ-ଦୁର୍ଗ ଏକ୍ସପ୍ରେସ। ଏନେଇ ରେଳ ବିଭାଗ ପକ୍ଷରୁ ତାରିଖ ଘୋଷଣା ହୋଇ ନଥିବା ବେଳେ ରେଳମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରେଳ ବିଭାଗର ଏହି ନିଷ୍ପତ୍ତିକୁ ଲୋଇସିଂହାରେ ସ୍ୱାଗତ କରାଯାଇଛି।

ଲୋଇସିଂହା ରେଳଷ୍ଟେସନ ରାଜସ୍ୱ ସଂଗ୍ରହରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ରେଳଷ୍ଟେସନରେ ୧୮୪୨୫/୧୮୪୨୬ ପୁରୀ-ଦୁର୍ଗ ଏକ୍ସପ୍ରେସ ରହଣି ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ତାରିଖ ଘୋଷଣା ନେଇ ସୂଚନା ପ୍ରଦାନ କରାଯିବ ବୋଲି କୁହାଯାଇଛି। ପ୍ରଥମେ ଏହାକୁ ପରୀକ୍ଷାମୂଳକ ଭାବେ ରହଣି ହେବ ବୋଲି ଜଣାପଡ଼ିଛି।

କିଛି ବର୍ଷରେ ଲୋଇସିଂହା ରେଳଷ୍ଟେସନରେ ପରୀକ୍ଷାମୂଳକ ଭାବେ ଅଟକାଯାଇଥିବା ଟ୍ରେନରେ ରେକର୍ଡ ପରିମାଣର ଟିକଟ ବିକ୍ରି ହୋଇଥିଲା। ଭୁବନେଶ୍ୱର-ବଲାଙ୍ଗିର ଇଣ୍ଟରସିଟି ଏକ୍ସପ୍ରେସ, ହାୱଡା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ ମଧ୍ୟ ପ୍ରଥମେ ପରୀକ୍ଷାମୂଳକ ଭାବେ ରହଣି ହୋଇଥିଲା। ଏହି ରେଳଷ୍ଟେସନକୁ ପରବର୍ତ୍ତୀ ସମୟରେ ଆଦର୍ଶ ରେଳଷ୍ଟେସନର ମାନ୍ୟତା ମିଳିଛି। ପରେ ଏହି ରେଳଷ୍ଟେସନରେ ପୁରୀ-ଦୁର୍ଗ ଓ ହାୱଡା-ଜଗଦଳପୁର ଏକ୍ସପ୍ରେସ ଅଟକାଇବା ପାଇଁ ଦାବି ହୋଇଥିଲା। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁରୀ-ଦୁର୍ଗ ଟ୍ରେନ ରହଣି ପାଇଁ ଘୋଷଣା ହୋଇଛି। ଏହି ରେଳଷ୍ଟେସନ ଉପରେ ବଲାଙ୍ଗିର, ବରଗଡ଼ ଓ ସୋନପୁର ଜିଲ୍ଲାର ଅନେକ ବାସିନ୍ଦା ନିର୍ଭର କରିଥାନ୍ତି। ଫଳରେ ଏହି ଷ୍ଟେସନର ଗୁରୁତ୍ୱ ବଢ଼ିଛି।

# ଦାଦନ ଶ୍ରମିକ ପଡ଼ିଛି ବନ୍ଧା

**ତୁଷୁରା, ୭।୨(ସମିସ):** ବଲାଙ୍ଗିର ଜିଲ୍ଲା ଗୁଡଭେଲା ଗ୍ରାମର ରାମକୃଷ୍ଣ ମାଝୀ (୨୨) ପାଠ ପଢ଼ି ସାରିବା ପରେ କାମଧନ୍ଦା ଅନ୍ୱେଷଣରେ ଛଅ ମାସ ତଳେ ଦାଦନ ଖଟିବାକୁ ତେଲଙ୍ଗାନା ରାଜ୍ୟର କୁନାଲକୁର ରାଙ୍ଗାରେଡିକୁ ଇଟା ଭାଟିରେ କାମ କରିବା ପାଇଁ ଯାଇଥିଲେ। ସେଠାରେ ତାଙ୍କୁ ନିର୍ଯାତନା ସହ ମାଡ଼ ମରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ରାମକୃଷ୍ଣ ମାଝିଙ୍କୁ କୌଣସି କାରଣରୁ ଇଟା ଭାଟି ମାଲିକ ଅଟକ ରଖି କାଠ ଫାଳିଆରେ ପ୍ରଚୁର ମାଡ ମାରିଥିବା ଅଭିଯୋଗ ହୋଇଛି ଯାହାର ଭିଡିଓ ଏବେ ଭାଇରାଲ ହୋଇ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି।



ରାମକୃଷ୍ଣଙ୍କର ଭାଇରାଲ ଭିଡିଓ ଦେଖିବା ପରେ ତାଙ୍କ ବୃଦ୍ଧା ପିତାମାତା ରାମକୃଷ୍ଣଙ୍କ ସହିତ ମୋବାଇଲ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଫୋନ ସୁଇଚ ଅଫ ଥିବାରୁ ଯୋଗାଯୋଗ ହୋଇପାରୁନାହିଁ। ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରାମକୃଷ୍ଣଙ୍କ ବୃଦ୍ଧା ପିତା ଅଛନ୍ତି। ତାଙ୍କ ପୁଅକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ରାମନିବାସ ଅଗ୍ରୱାଲ ଏବଂ ଜିଲ୍ଲା ପ୍ରଶାସନକୁ ଆକୁଳ ନିବେଦନ କରିଛନ୍ତି।

# ଜମି ଚିହ୍ନଟ ଦାବିରେ ତହସିଲଦାରଙ୍କ ଦ୍ୱାରସ୍ଥ ପଟ୍ଟାଧାରୀ

**ବଲାଙ୍ଗିର, ୭।୨(ସମିସ):** ଲୋଇସିଂହା ବ୍ଲକ ସିଂହାଣୀମୁଣ୍ଡା ଗ୍ରାମବାସୀ ଜମି ଚିହ୍ନଟ କରିବା ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ପ୍ରାୟ ୧୫ ବର୍ଷ ହେଲା ଗ୍ରାମବାସୀଙ୍କୁ ସରକାରୀ ଯୋଜନାରେ ୪ ଡିସମିଲ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇ ନଥିବାରୁ ପଟ୍ଟାଧାରୀମାନେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁସାରେ, ଲୋଇସିଂହା ତହସିଲ ଅନ୍ତର୍ଗତ ସିଂହାଣୀମୁଣ୍ଡା ଗ୍ରାମର ପ୍ରାୟ ୬୦-୭୦ ଜଣ ଭୂମିହୀନଙ୍କୁ ସରକାରୀ ଯୋଜନାରେ ୪ ଡିସମିଲ ଜାଗା ପ୍ରଦାନ କରାଯାଇଥିଲା। ଏହାର ପଟ୍ଟା ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାୟ ୧୦-୧୨ ବର୍ଷ ପରେ ବି ଉକ୍ତ ଜମି ଚିହ୍ନଟ ହୋଇ ନଥିବା ପଟ୍ଟାଧାରୀମାନେ ଅଭିଯୋଗ କରିଛନ୍ତି। ଶୀଘ୍ର ଜମି ଚିହ୍ନଟ କରିବା ପାଇଁ ବୁଧବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜମି ଚିହ୍ନଟ ହୋଇ ନଥିବାରୁ ତାହା ବେଆଇନ ଜବରଦଖଲ ହେବାରେ ଲାଗିଛି। ଫଳରେ ଶୀଘ୍ର ଚିହ୍ନଟ କରିବା ଜମି ହସ୍ତାନ୍ତର କରିବା ପାଇଁ ହିତାଧିକାରୀ ମହଲରେ ଦାବି ହୋଇଛି।



# ବଡଟିକା ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ବଲାଙ୍ଗିର,୭।୨(ସମିସ):** ଆଗଲପୁର (ଡୁଡୁକା) ବ୍ଲକର ବଡ଼ଟିକା ଗ୍ରାମପଞ୍ଚାୟତ ସଭାଗୃହଠାରେ ସରପଞ୍ଚ ଉଦେନାଥ ନାଏକଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବଡ଼ଟିକା ଗ୍ରାମପଞ୍ଚାୟତରେ ଶିଶୁଙ୍କ ସୁରକ୍ଷା ଓ ଯତ୍ନ, ଶିକ୍ଷା, ପୁଷ୍ଟିକର ଖାଦ୍ୟ ତଥା ସୁସ୍ଥ ଓ ନିରାପଦ ଶୈଶବ ସୁନିଶ୍ଚିତ କରିବା ଓ ଅଭିବୃଦ୍ଧି ନିମନ୍ତେ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଛି। ଭାରତ ସରକରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟରୁ 'ମିଶନ ବାତ୍ସଲ୍ୟ'ରେ ଗ୍ରାମପଞ୍ଚାୟତରେ ଶିଶୁ ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ବ୍ୟବସ୍ଥା ଅଛି। ଶିଶୁ କଲ୍ୟାଣ ଏବଂ ସୁରକ୍ଷାକୁ ପଞ୍ଚାୟତ ସ୍ତରରୁ ମଜବୁତ କରିବା ଦିଗରେ ବାର୍ଷିକ ୫% ଶିଶୁ ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରିବାକୁ ଗ୍ରାମସଭାରେ ଅନୁମୋଦିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲୀ ଆଲୋକ ପାଠାଗାରର ପ୍ରହଲ୍ଲାଦ ପଧାନ,



ପ୍ରଶାନ୍ତ କୁଅଁର, ପିଣ୍ଟୁ ପଧାନ, ଧରଣୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ପାତ୍ର, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ପଧାନ, ଗାଁ ସାଥୀ ଆନନ୍ଦ ପଧାନ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ସମାବେଶ

**ଖପ୍ରାଖୋଲ, ୭।୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ୍ ବିଦ୍ୟୁତ୍ ଗ୍ରିଡ ପାଖ ପଡିଆରେ କେନ୍ଦୁପତ୍ର କର୍ମଚାରୀ ସଂଘର ବ୍ଲକସ୍ତରୀୟ ବିଶାଳ ସମାବେଶ ପାଟଣାଗଡ଼ ଡିଭିଜନ ତରଫରୁ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଧ୍ରୁବଚରଣ ଚାନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା, ସମ୍ମାନିତ ଅତିଥି ରୂପେ ବ୍ଲକ୍ ସଭାପତି ରାଜାରାମ ଦଣ୍ଡସେନା, ସମ୍ପାଦକ ସୁରେନ୍ଦ୍ର ବରିହା, ଲଳିତ ପ୍ରଧାନ, ଚିତ୍ତ ବେହେରା, ପ୍ରତାପ ମେହେର, ଗୋକୁଳ ଧରୁଆ, ତରଣି ସାହୁ, ବିଜେଡି ନେତା ରିଙ୍କୁ ପାଣିଗ୍ରାହୀ, ରିଙ୍କୁ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କେନ୍ଦୁପତ୍ର ଦରବୃଦ୍ଧି ସହ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଜିଏସଟି ସମ୍ପୂର୍ଣ୍ଣ ଉଚ୍ଛେଦ ଉପରେ ରାଜ୍ୟ ସମ୍ପାଦକ ଦାବି ଉପସ୍ଥାପନ କରିବା ସହ ଅସ୍ଥାୟୀ, ଋତୁକାଳୀନ କର୍ମଚାରୀଙ୍କୁ ନିୟମିତ କରିବାକୁ ଦାବି କରିଥିଲେ। ବିଭିନ୍ନ ଗାଁରୁ ହଜାର ସଂଖ୍ୟକ ମହିଳା ପୁରୁଷ ଯୋଗ ଦେଇଥିଲେ।




# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ/ମୁରିବାହାଲ, ୭।୨ (ସମିସ):** ଦେଓଗାଁ ବ୍ଲକ ଅନ୍ତର୍ଗତ ଧଣ୍ଡାମାଲ ଓ ବ୍ରାହ୍ମଣୀଯୋର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୁ ଶିକାଙ୍କ ସଭାପତିତ୍ୱ ଓ ବିପିଏମ ପ୍ରଦୀପ ଛତ୍ରିଆଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ବିଡିଓ କ୍ଷମାନିଧି ଭୋଇ, ସିଡିପିଓ ସୁକାନ୍ତି ଭୋଇ, ଜିପିଓ ସେନାପତି ମଙ୍ଗରାଜ, ସାରସମାଲ ସମିତିସଭ୍ୟା ପଙ୍କଜିନୀ ଖମାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଣ୍ଡୱାନା କଳା ପରିଷଦର କଳାକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣୀଯୋର ପଞ୍ଚାୟତରେ ସରପଞ୍ଚ ମହେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ



ସ୍ଥାନୀୟ ଅଧ୍ୟକ୍ଷ ଶ୍ରୀ ଖମାରୀ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଡୁମେରପିଟା ସରପଞ୍ଚ ବାସନ୍ତୀ



ପଟେଲ, ସିଙ୍ଗାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ଜରାସିଂହା କୁଶମଣି ମେହେର, ଗାଇବାହାଲ ତ୍ରିଲୋନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଇଓ ରମେଶଚନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତର କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି ମୁରିବାହାଲ ବ୍ଲକ ବାଙ୍କେଲ ପଞ୍ଚାୟତରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ, ପଞ୍ଚାୟତସ୍ତରୀୟ ସଚେତନତା ସଭା ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ହାଜି ମହମଦ ଆୟୁବ ଖାନ, ଡବ୍ଲୁଓଡିସି ସଦସ୍ୟ ହଂସରାଜ ଜୈନ, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ବିଜେଡି ନେତା ଡ. ଅମଜାଦ ଖାନ, ପତ୍ରାପାଲି (କ) ସମିତିସଭ୍ୟ ସନ୍ୟାସୀ ପୁଟେଲ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବାଙ୍କେଲ ପଞ୍ଚାୟତର ଶହ ଶହ ମହିଳା, ସ୍ୱୟଂ ସହାୟିକା ଓ ବିଜୁ ଜନତା ଦଳର କର୍ମୀ ଅଂଶଗ୍ରହଣ କରିଥିଲେ।

# ପାଟଣାଗଡ଼ରେ ନୂତନ ଏସ୍‌ଡିପିଓ ଓ ଥାନାଧିକାରିଣୀ

**ବଲାଙ୍ଗିର, ୭।୨ (ସମିସ):** ପାଟଣାଗଡ ଏସଡିପିଓଙ୍କ କାର୍ଯ୍ୟାଳୟରେ ନୂତନ ଏସଡିପିଓ ଭାବେ ସଦାନନ୍ଦ ପୂଝାରୀ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇ ଥିବାବେଳେ ବୁଧବାର ନୂତନ ଥାନା ଅଧିକାରିଣୀ ଭାବେ ତାରାବତୀ ପଧାନ ଯୋଗଦେଇଛନ୍ତି। ଏହା ପୂର୍ବରୁ ଶ୍ରୀ ପୂଝାରୀ ବଲାଙ୍ଗିର ଜିଲ୍ଲା ହୋମଗାର୍ଡ ଡିଏସପି ଭାବରେ କାର୍ଯ୍ୟରତ ଥିଲେ। ଶ୍ରୀମତି ପଧାନ ପୂର୍ବରୁ ଦେଓଗାଁ ଥାନା ଅଧିକାରିଣୀ ଭାବରେ କାର୍ଯ୍ୟରତ ଥିଲେ। ଗତକାଲି ଏସଡିପିଓ ଶ୍ରୀ ପୂଝାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିବାବେଳେ ଆଜି ଥାନାଧିକାରିଣୀଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସହରର ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବା ସହ ଅପରାଧକୁ ନିୟନ୍ତ୍ରଣ କରିବା, ଜନସାଧାରଣଙ୍କ ନିକଟତର ହେବା ପାଇଁ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଉଭୟେ କହିଛନ୍ତି।





# ରେଙ୍ଗାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ସଇଁତଳା, ୭।୨(ସମିସ):** ସଇଁତଳା ବ୍ଲକ ଅନ୍ତର୍ଗତ କୁଇକେଡା ପଞ୍ଚାୟତ ରେଙ୍ଗାଲି ଉଚ୍ଚ ବିଦ୍ୟାଳୟ କୁଇକେଡାରେ ୭୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ କୁଳମଣି ଯୋଶୀଙ୍କ ଦ୍ୱାରା ଆୟୋଜିତ ସଭାରେ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କମିଟିର ସଦସ୍ୟ ସାମୁଏଲ ନନ୍ଦ ଓ ସୁନୀଲ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବାଳକ ଓ ବାଳିକା ବିଭାଗର ୧୦୦ ଓ ୨୦୦ ମିଟର ଦୌଡ, ଗୋଲ ଫିଙ୍ଗା, ଦିସକସ ଫିଙ୍ଗା, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଓ ବାଳିକା ବିଭାଗ ଦ୍ୱାରା ମିଉଜିକ ଚେୟାର ଓ ସ୍ଲୋ ସାଇକଲ ପ୍ରଭୃତି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ରାଧାଗୋବିନ୍ଦ ନାଏକ, କୌତୁକ ପଟେଲ, ତିରେନ୍ଦ୍ର ପଧାନ, ସତ୍ୟବାସ ପଟେଲ, ଦିଲୀପ ରଣା, ପ୍ରଫୁଲ୍ଲ ସାହୁ, ବିରଞ୍ଚି ପଟେଲ ଓ ଜଗତ ପଟେଲ ପ୍ରମୁଖ ସହଯୋଗ କରିଥିଲେ।



# ଗ୍ରାମ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧୀୟ କର୍ମଶାଳା

**କଣ୍ଟାବାଞ୍ଜି, ୭।୨(ସମିସ):** ତୁରେକେଲା ବ୍ଲକ ସଭାଗୃହରେ ଗ୍ରାମ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ କର୍ମଶାଳା ଜିଲ୍ଲା ଜରୁରିକାଳୀନ ବିଭାଗ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବିଡିଓ ଶଙ୍କର୍ଷଣ ବେହେରା ଉପସ୍ଥିତ ପଞ୍ଚାୟତ ପ୍ରତିନିଧି, ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ସଭ୍ୟଙ୍କୁ ମାର୍ଗଦର୍ଶନ ଦେଇଥିଲେ। ତୁରେକେଲା ବ୍ଲକ ପିଏ ଅଶୋକ ପାଣିଗ୍ରାହୀ ବିପର୍ଯ୍ୟୟ ମୁକାବିଲା ଯୋଜନାକୁ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଏହି ଯୋଜନା ପ୍ରସ୍ତୁତ ପାଇଁ ଶ୍ରମିକ ଶକ୍ତି ସଂଘର ପ୍ରୋଗ୍ରାମ ମେନେଜର ଗୁରୁଗୋବିନ୍ଦ ସିଂହ ମାଝୀ ଉପସ୍ଥାପନ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ନବ ମଲ୍ଲିକ ଯୋଜନା କିପରି ଶୀଘ୍ର କରିବାକୁ ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଜିପିଇଓ ଗଜାନନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀକାନ୍ତ ଭୋଇ ସ୍ମାରକୀ କ୍ରିକେଟ: ସାନଭି ଚାମ୍ପିଅନ

**ସଇଁତଳା, ୭।୨(ସମିସ):** ସଇଁତଳା ରମେଶ ସିଂ ଭୋଇ ଷ୍ଟାଡିୟମରେ ଚତୁର୍ଥବର୍ଷ ଶ୍ରୀକାନ୍ତ ଭୋଇ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଉଇସଡମ ୧୧ ସଇଁତଳା ଓ ସାନଭି ବଲାଙ୍ଗିର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାନଭି ଦଳ ବିଜୟ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ସଇଁତଳା ଥାନାଧିକାରୀ ସୁଶାନ୍ତ ପଧାନ, ବ୍ଲକ ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ଜିଲ୍ଲା ପାରିଷଦ ସଭ୍ୟ ପ୍ରମୋଦ ଭୋଇ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଫୁଲ୍ଲ ଭଏସା, କମିଟି ସଭାପତି ଚନ୍ଦ୍ର ଚନ୍ଦନ, ଉପସଭାପତି ଶିବପ୍ରସାଦ ମାଝି ଉପସ୍ଥିତ ଥିଲେ। ବିକ୍ରମ ଓ ରକି ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ମାଝୀ ଅତିଥି ସଂଯୋଜନା କରିଥିଲେ।



ଡିଏଫଓ ନୀତିଶ କୁମାରଙ୍କ ବଦଳି, ଯୋଗଦେବେ ସୁଦର୍ଶନ ବେହେରା

# ତିନି ବର୍ଷରେ ପ୍ରଶସ୍ତ ହୋଇଛି ବନ ବିଭାଗର ରୂପାନ୍ତରଣ ମାର୍ଗ

ବଲାଙ୍ଗିର, ୭।୨(ସମିସ)

ବନବିଭାଗରେ ହୋଇଥିବା ଅଦଳବଦଳରେ ବଲାଙ୍ଗିର ଡିଏଫଓ ନୀତିଶ କୁମାରଙ୍କ ବଦଳି ହୋଇଛି। ତାଙ୍କୁ ଅନୁଗୁଳ ଡିଏଫଓ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସୁଦର୍ଶନ ବେହେରାଙ୍କୁ ବଲାଙ୍ଗିର ଡିଏଫଓ ଭାବେ ବଦଳି ହୋଇଛି। ଡିଏଫଓ ନୀତିଶ କୁମାର ବଲାଙ୍ଗିରରେ ତାଙ୍କ କାର୍ଯ୍ୟଦକ୍ଷତା, ଦୂରଦୃଷ୍ଟିକୁ ନେଇ ସମସ୍ତଙ୍କଠାରୁ ପ୍ରଶଂସା ସାଉଁଟିଛନ୍ତି। ତାଙ୍କର ଏହି କାର୍ଯ୍ୟକାଳ ଭିତରେ ଅନେକ ପ୍ରକଳ୍ପକୁ ସଫଳତାର ସହ ଆରମ୍ଭ କରିଥିବା ବେଳେ କାଠ ମାଫିଆଙ୍କ ନିଦ ହଜାଇ ଦେଇଥିଲେ। ସେହିପରି ବନବିଭାଗରେ ରୂପାନ୍ତରଣ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ।

ବଲାଙ୍ଗିର ବନବିଭାଗରେ ରହିଥିବା ବିଶୃଙ୍ଖଳା ଓ ବିବାଦ ଭିତରେ ୨୦୨୧ ଜୁଲାଇ ୧୬ ତାରିଖରେ ବଲାଙ୍ଗିର ଡିଏଫଓ ଭାବେ ଯୋଗ ଦେଇଥିଲେ ଆଇଏଫଏସ ଅଧିକାରୀ ନୀତିଶ କୁମାର। ପରେ ପରେ ହିଁ ବଲାଙ୍ଗିର ଡିଭିଜନରେ ଥିବା ଘଞ୍ଚ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ କାଠମାଫିଆଙ୍କୁ ସାବାଡ କରିବାକୁ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱରେ ଏହି ତିନି ବର୍ଷ ଭିତରେ ରେକର୍ଡ ସଂଖ୍ୟାରେ ଚଢଉ କରାଯିବା ସହ କୋଟି କୋଟି ଟଙ୍କାର ଗଛ ଓ ବେଆଇନ ଭାବେ ତିଆରି ସାମଗ୍ରୀ ଜବତ ହୋଇଥିଲା। ଯାହାକି କାଠ ମାଫିଆଙ୍କ ପାଇଁ ଏକଦା ବଲାଙ୍ଗିର ଡିଭିଜନ ଭୂସ୍ୱର୍ଗ ପାଲଟିଥିବା ବେଳେ ନୀତିଶ କୁମାରଙ୍କ ଏହି ପଦକ୍ଷେପ ଯୋଗୁ ବହୁ ପରିମାଣରେ ଏହା କମିଯାଇଥିଲା। ସେହିପରି ତାଙ୍କର ଏହି ତିନି ବର୍ଷ ଭିତରେ ହାତୀ, କଲରାପତରିଆ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସେମାନଙ୍କ ପାଇଁ ଜଙ୍ଗଲ ଭିତରେ ପାଣିର ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ଏହିଦିଗରେ ମଧ୍ୟ ବନ ବିଭାଗକୁ ସଫଳତା ମିଳିଥିଲା। ସେହିପରି ଜଙ୍ଗଲ ନିଆଁକୁ ବହୁ ପରିମାଣରେ କମାଇବାରେ ଡିଏଫଓ ସଫଳ ହୋଇଥିଲେ। ୨୦୨୧ରେ ୧୪୦୬ଟି ପଏଣ୍ଟରେ ନିଆଁ ଲାଗିଥିବା ବେଳେ ସେ ଯୋଗଦାନ କରିବା ପରେ ୨୦୨୨ରେ ଏହା କମି ୧୧୦୯ ଓ ୨୦୨୩ରେ ଏହା ୪୯୩ ପଏଣ୍ଟକୁ ହ୍ରାସ ପାଇଥିଲା। ଡିଭିଜନରେ ଅନେକ ବନୀକରଣ ପ୍ରକଳ୍ପ ନିଜେ ବୁଲି ଦେଖିବା ସହ ଗଛ କେମିତି ବଢ଼ିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ। ଗାଁରେ ଥିବା ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଜିଆଖତ ପ୍ରସ୍ତୁତ, ବ୍ୟବହାର ସଚେତନତାକୁ ତତ୍ପର କରିଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ଭିଏସଏସଗୁଡ଼ିକୁ ପୁନଃକାର୍ଯ୍ୟକ୍ଷମ କରିବା ସହ ହାତୀଦାନ୍ତ, ବାଘ ଚମଡା, ବଜ୍ରକାପ୍ତା ଚାଲାଣ ରୋକିବାରେ ମଧ୍ୟ ସଫଳତା ପାଇଥିଲେ। ତାଙ୍କ ଏହି ତିନି ବର୍ଷ ଭିତରେ ଭିମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳର ଉନ୍ନତିକରଣ କରିଥିବା ବେଳେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ଗାଇଖାଇ, କୁମୁଡା ପାହାଡର ଉନ୍ନତିକରଣ କାମ କରିବା ସହ ବିଭିନ୍ନ ସ୍ଥାନରେ ଅର୍ବାନ ପାର୍କ ନିର୍ମାଣ ଆରମ୍ଭ କରିବାରେ ମଧ୍ୟ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ଗତିବିଧି ନିରୀକ୍ଷଣ ବ୍ୟବସ୍ଥାକୁ ଡିଜିଟାଲାଇଜେସନ କରିଥିବା ବେଳେ ସାଧାରଣ ଲୋକ ଓ ବନ ବିଭାଗକୁ ଯୋଡିବା ପାଇଁ ମୋ ସବୁଜ ଆପ୍ସର ମଧ୍ୟ ସେ ଆରମ୍ଭ କରିଛନ୍ତି। ଯାହାଫଳରେ ବଲାଙ୍ଗିର ବନ ବିଭାଗ ଶୃଙ୍ଖଳିତ ଓ ତତ୍ପର ହୋଇପାରିଥିଲା। ବନବିଭାଗର ବଦଳିକ୍ରମରେ ତାଙ୍କ ସ୍ଥାନରେ ଘୁନସର ଡିଭିଜନ ଡିଏଫଓ ଦାୟିତ୍ୱରେ ଥିବା ଓଏଫଏସ ଅଧିକାରୀ ସୁଦର୍ଶନ ବେହେରା ବଲାଙ୍ଗିରରେ ଯୋଗ ଦେବେ।



# ଲୋଇସିଂହା ବ୍ଲକରେ ଆତ୍ମରକ୍ଷା ତାଲିମ

**ବଲାଙ୍ଗିର, ୭।୨(ସମିସ):** ଲୋଇସିଂହା ବ୍ଲକ ଆସିଡିଏସ୍ ମିଟିଂ ହଲଠାରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗନାଇଜେନସନ ପକ୍ଷରୁ ଏକ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବ୍ଲକର ୬୨ ଜଣ ଛାତ୍ରୀ ଭାଗ ନେଇଥିଲେ। ଦୁଇଦିନିଆ ଏହି ତାଲିମ ଶିବିରକୁ ସିଡିପିଓ ଗାୟତ୍ରୀ ବାରିକ ଉଦ୍‌ଘାଟନ କରିଥିବା ବେଳେ ସମସ୍ତ ମହିଳା ସୁପରଭାଇଜର ସହଯୋଗ କରିଥିଲେ। ସେଲ୍ଫ ଡିଫେନ୍ସ ଏକ୍ସପାର୍ଟ ଅସିମ ଭୋଇ ଓ ସ୍ୱୟଂପ୍ରଭା ବ୍ରହ୍ମା ଆତ୍ମରକ୍ଷା କୌଶଳ ଟ୍ରେନିଂ ପ୍ରଦାନ କରୁଛନ୍ତି।



# ରୂପାନ୍ତରଣରେ କାନ୍‌ଭାସ୍ 'ଆମ ଓଡ଼ିଶା, ନବୀନ ଓଡ଼ିଶା'

## ବିଭିନ୍ନ ସ୍ଥାନରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର


କେସିଙ୍ଗା


ରୁପ୍ରାରୋଡ


ଗୋଲାମୁଣ୍ଡା

**ରୁପ୍ରାରୋଡ,୭ ।୨(ସମିସ):** ତୃଣମୂଳ ସ୍ତରରେ ଗ୍ରାମାଞ୍ଚଳର ରୂପରେଖ ବଦଳିବାରେ ଲାଗିଛି । ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା ହେଉଛି ଆମ ଓଡ଼ିଶା ନବୀନ ଓଡ଼ିଶା । ଏହାରି ମାଧ୍ୟମରେ ରୂପାନ୍ତରଣ ଧାରାରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ଆଦିର ଦ୍ରୁତ ବିକାଶ ହୋଇଛି । ତେଣୁ ରୂପାନ୍ତରଣ କାନଭାସ୍ 'ଆମ ଓଡ଼ିଶା ନବୀନ ଓଡିଶା' ବୋଲି ରାକ୍ସିଠାରେ ଆୟୋଜିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ମତ ପ୍ରକାଶ ପାଇଛି ।

ନର୍ଲା ବ୍ଲକର ରାକ୍ସି ଗ୍ରାମ ପଞ୍ଚାୟତରେ ବୁଧବାର ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ "ଆମ ଓଡ଼ିଶା ନବୀନ ଓଡ଼ିଶା" ସଚେତନତା ଶିବିର ସରପଞ୍ଚ ଯେମନ୍ତ ପୋଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନୀତ ଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ନର୍ଲା ବିଡ଼ିଓ ରିପୁନାଥ ସୁନା, ନର୍ଲା ବ୍ଲକ ଯୁବ ବିଜେଡ଼ି ସଭାପତି ତଥା ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡାମାଝୀ, ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ବାଗପୁର ସରପଞ୍ଚ ଗୋପାଳ ହାତୀ, ସେରଗଡ ସରପଞ୍ଚ ରାହୁଲ ସାହୁ, ରାକ୍ସି ସମିତି ସଭ୍ୟ ଚୁମନ ଭୋଇ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ଜିପିଓ ରବି କୁମାର ନାଏକ, ଏମଆଇ ଶିବ ପ୍ରସାଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଏଲ୍‌ଇଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ଯୋଜନା ସମୂହ ପ୍ରଦର୍ଶନ କରାଯାଇଥିଲା । ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ବିଭାଗର ଷ୍ଟଲ ଖୋଲା ଯାଇଥିଲା । ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ବୁଢୀପଦରର ବନାବାଡି, ରାକ୍ସିର ଘୁମୁରା ସହ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ଓଡ଼ିଆ ବାର୍ତ୍ତା ସଂପାଦକ ସୁନୀଲ ଧଙ୍ଗଡାମାଝୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସହଶ୍ରାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ନେଇଥିବା ବେଳେ ବିଶିଷ୍ଟ ମଞ୍ଚ ସଂଚାଳକ ବିନୟ ଭୋଇ ସଭା ମଞ୍ଚ ଏବଂ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡାମାଝୀ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ । ଜିଆରଏସ ସୁନୀଲ ଭୋଇ, ଯୋଗାଣ ସହାୟକ ଚୈତନ୍ୟ ସାହୁ, ପିଅନ କେଶରୀ ଭୋଇ, ଧନୁର୍ଜ୍ୟ ଭୋଇ, ଏସଇଏମ ସୁଦାମ ଧଙ୍ଗଡାମାଝୀ, କୌତୁକ ପୋଢଙ୍କ ସମେତ ସମସ୍ତ ୱାଡର୍‌ମେମ୍ବର, ନାଏବ ସରପଞ୍ଚ ଓ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଆରପି, ଏମବିକେ, ମିଶନ ଶକ୍ତି ମହିଳାମାନଙ୍କ ସହିତ ଶତାଧିକ ମହିଳା ଓ ଜନସାଧାରଣ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଉତ୍ସାହିତ ହୋଇଥିଲେ । ପରିଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଗୋଲାମୁଣ୍ଡା:** ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ ପଞ୍ଚାୟତସ୍ତରରେ ହେଉଥିବା ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ ଶିବିର ଗୋଲାମୁଣ୍ଡା ବ୍ଲକର ପ୍ରତିଟି ପଞ୍ଚାୟତରେ ହୋଇ ଆସୁଛି । ଫୁଣ୍ଡା ପଞ୍ଚାୟତ ସରପଞ୍ଚ ଧନଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ ଏବଂ ଗ୍ରାମାଞ୍ଚଳରେ ଯେଉଁ ସବୁ ସମସ୍ୟା ରହୁଛି ତାହାର ସମାଧାନ କିପରି ଭାବରେ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ମିଶନ ଶକ୍ତି ମହିଳାମାନଙ୍କ ସହିତ ଶତାଧିକ ମହିଳା ଓ ଜନସାଧାରଣ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହେବାସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଉତ୍ସାହିତ ହୋଇଥିଲେ । ଏହି ଅବସରରେ ବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ କୁମାର ପରିଚାଳନା କରିଥିଲେ । ଫୁଣ୍ଡା ପଞ୍ଚାୟତ ପିଇଓ ପ୍ରଶାନ୍ତ କୁମାର ନାଏକ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସମିତି ସଭ୍ୟ ଭୁପେନ୍ଦ୍ର ନାଗ ସହଯୋଗ କରିଥିଲେ

**ପଲମ:** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ତରଫରୁ ପଲମ ଗ୍ରାମ ପଞ୍ଚାୟତ ସାଲେଭଟା, ଥାପନ, କେନ୍ଦୁବାହଲି, ଖଇରମାଳ ଗ୍ରାମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟବୀମା, ଭତ୍ତା, ମିଶନ ଶକ୍ତି, ଲକ୍ଷ୍ମୀ ବସସେବା ସରକାରୀ ଯୋଜନାଗୁଡିକ ପଥପ୍ରାନ୍ତ ନାଟକ କରି ଜନସାଧାରଣଙ୍କୁ ସଚେତନତା କରାଯାଇଛି ।

**ଥୁଆମୂଳ ରାମପୁର:** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦର ଗ୍ରାମ ପଞ୍ଚାୟତ ଥୁଆମୂଳ ରାମପୁରଠାରେ ଅନୁଷ୍ଠିତ ହୋଇଯାଇଛି "ଆମ ଓଡିଶା ନବୀନ ଓଡିଶା' ସଚେତନତା କାର୍ଯ୍ୟକ୍ରମ । ଥୁଆମୂଳ ରାମପୁର ସରପଞ୍ଚ ବିଜୟା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂସ୍କୃତି ବିଭାଗର ରିସୋର୍ସ ପର୍ସନ ଅଜୟ ମିଶ୍ର, ବିଜେଡିର ଆଇନ ପରାମର୍ଶଦାତା ହରଜିନ୍ଦର୍ ସିଂ, ଭାରପ୍ରାପ୍ତ ବିଡିଓ ବିଶ୍ୱନାଥ ରାଉତ, ବିଶିଷ୍ଟ ଶିକ୍ଷାବିତ ପରମାନନ୍ଦ ନାଏକ, ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ଥୁଆମୂଳ ରାମପୁର ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା(ଦୁରିଆ) ପ୍ରମୁଖ ଉପସ୍ଥିତ ଥିବାବେଳେ ମୁଖ୍ୟ ବକ୍ତା ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଏସବୁ ଯୋଜନା ମାଧ୍ୟମରେ ଜନସାଧାରଣ କିଭଳି ସୁବିଧା ପାଇ ଉପକୃତ ହେଉଛନ୍ତି ଏ ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ ପରିବେଷଣ କରିଥିଲେ । ସେମାନଙ୍କୁ ସମ୍ମାନିତ କରିବା ସହିତ ପୁରସ୍କୃତ କରାଯାଇଥିଲା । ଏଥିସହିତ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଥୁଆମୂଳ ରାମପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁ, ଗ୍ରାମ ରୋଜଗାର ସେବକ ଧନୁର୍ଜୟ ସାହୁ, ଯୋଗାଣ ସହାୟକ ତ୍ରୀସେନ୍ଦ୍ର ନାଏକଙ୍କ ସମେତ ନାଏବ ସରପଞ୍ଚ ଏବଂ ସମସ୍ତ ଓ୍ୱାର୍ଡ ମେମ୍ବର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**କେସିଙ୍ଗା:** କେସିଙ୍ଗା ବ୍ଲକ୍ କଣ୍ଡୁପଡା ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ମାଳତି ଭୋଇ ଏବଂ ସ୍ଥାନୀୟ ପିଇଓ ଝସକେତନ ଭୋଇଙ୍କ ନେତୃତ୍ୱରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ ଯୋଗ ଦେଇଥିଲେ । ମାନସ ରଞ୍ଜନ ବାଗ, ଏମଆଇ ସୁଶାନ୍ତ ସ୍ୱାଇଁ,ସ୍ଥାନୀୟ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ଗୋବିନ୍ଦ ବର୍ମା ମଞ୍ଚ ପରିଚାଳନା କରିଥିଲେ ।

**ଲାଞ୍ଜିଗଡ:** ଚମ୍ପାଦେଇପୁର ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଚମ୍ପାଦେଇପୁର ସରପଞ୍ଚ ନରେନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ହରିଶଙ୍କର ପାତ୍ର, ନାରୀନେତ୍ରୀ ସୁଜାତା ଘଡେଇ, ମିଶନ ଶକ୍ତି ବିଭାଗ ବିପିଓ ସଞ୍ଜୀବ କହଁର ପ୍ରମୁଖ ମଞ୍ଚାସୀନ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ମାର୍ଗଦର୍ଶନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ । ଏଥିରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ ବିଭାଗର ଷ୍ଟଲମାନ ଖୋଲା ଯାଇଥିଲା । ଶେଷରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।


ଥୁଆମୂଳ ରାମପୁର


ପଲମ


ଲାଞ୍ଜିଗଡ

## ଗୌରୀଶଙ୍କର ମେମୋରିଆଲ କ୍ରିକେଟ ଉଦ୍‌ଯାପିତ



**ଲଡୁଗାଁ,୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡ଼ହଗାଁ ଖେଳ ପଡ଼ିଆରେ ଗୌରୀଶଙ୍କର ମେମୋରିଆଲ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ କ୍ରିକେଟ ଖେଳ ବାନେର ଓ ବେହେରା ଟିମ ମଧ୍ୟରେ ହୋଇଥିଲା । ବାନେର ଟିମ୍ ମ୍ୟାଚ ଚାମ୍ପିଅନ ହୋଇଥିଲା । ରାଜୀବ କ୍ଲବର ସଭାପତି କ୍ଷମାନିଧି ବାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଭାରତୀୟ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ହଂସ, ଅଶୋକ ପୁଝାରୀ, କୃଷି ସମବାୟ ସଭାପତି ବ୍ରଜରାଜ ନାଏକ, ବିଜେଡି ବ୍ଲକ ସଭାପତି ସୁଶାନ୍ତ ବେହେରା, ନାଏବ ସରପଞ୍ଚ ସୁଦର୍ଶନ ହଂସ, ରାଧା ଗୋବିନ୍ଦ ପଟ୍ଟନାୟକ, ଲଳିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ମଧୁସୂଦନ ବାଗ ଓ ତ୍ରିନାଥ ମଙ୍ଗରାଜ ମଞ୍ଚ ସଂଯୋଜନା କରିଥିଲେ । ଅମ୍ପିୟାର ଭାବେ ଲଳିତ ମୋହନ ନାଏକ, ଶିବ ପ୍ରସାଦ ବାଗ ଖେଳ ପରିଚାଳନା କରିଥଲେ । କିଶୋର ମଙ୍ଗରାଜ, କୋଦଣ୍ଡ ନିଆଲ, ତ୍ରିଲୋଚନ ବାଗ ଧାରା ବିବରଣୀ ଦେଇଥିଲେ ।

## ୧୧ରେ ଚେତାବନୀ ସାହିତ୍ୟ ସଂସଦର ପୁଷପୁନୀ ଭେଟଘାଟ



**କେସିଙ୍ଗା,୭ ।୨(ସମିସ):** ଚେତାବନୀ ସାହିତ୍ୟ ସଂସଦ କେସିଙ୍ଗା ପକ୍ଷରୁ ୧୧ ତାରିଖ ସରକାରୀ ଉଚ୍ଚ ବିଦ୍ୟାଳୟ ମୁକ୍ତମଞ୍ଚରେ ୩୬ତମ ରାଜ୍ୟସ୍ତରୀୟ ଲେଖକ ସମାବେଶ ଓ ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେବ । ସଭାପତି ଯାଜ୍ଞସେନି ସାହା କେସିଙ୍ଗା ଚେତାବନୀ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଚେତାବନୀ ସାହିତ୍ୟ ସଂସଦର ସର୍ବୋଚ୍ଚ ସମ୍ମାନ ଦୁର୍ଗାବତୀ ସ୍ମାରକୀ କଳାହାଣ୍ଡି ସାରସ୍ୱତ ସମ୍ମାନ ପାଇବେ ସମ୍ବଲପୁରର ବିଶିଷ୍ଟ କବି ଡ ପ୍ରଦୀପ ପଣ୍ଡା । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରଞ୍ଜନ ପଣ୍ଡା, ସାଂଗଠାନିକ ସମ୍ପାଦକ ଯାଜବେନ୍ଦ୍ର ସାହା, ରୁବି ଚୌଧୁରୀ, ଡମ୍ବରୁଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାଇଗାଁ ପଞ୍ଚାୟତରେ ବିଜେଡିର ଲୋକ ସମ୍ପର୍କ ଅଭିଯାନ

**କେସିଙ୍ଗା, ୭ ।୨(ସମିସ):** ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ କେସିଙ୍ଗା ବ୍ଲକ ଗାଇଗାଁ ପଞ୍ଚାୟତରେ ସ୍ଥାନୀୟ ଅଧିବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଯୋଗଦେଇ ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଯଥା ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଅନ୍ୟାନ୍ୟ ଯୋଜନା କିଭଳି ପହଞ୍ଚି ପାରିବ ସେ ନେଇ ଆଲୋଚନା କରିଥିଲେ । ବିଜେଡି ସଂଗଠନକୁ ୱାର୍ଡସ୍ତରରୁ ମଜଭୂତ କରିବା ସହିତ ଷଷ୍ଠ ଥର ପାଇଁ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ନବୀନ କାର୍ଡ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଗାଇଗାଁ ସରପଞ୍ଚ ପ୍ରମୋଦ ସାହୁ, ୱାର୍ଡ ମେମ୍ବର ଭବାନୀ ସାହୁ, ପୂର୍ବତନ ନାଏବ ସରପଞ୍ଚ କ୍ଷୀରସିନ୍ଧୁ ଧରୁଆ, ଯୁବ ନେତା ଅବନୀ ଧରୁଆ, ଆଶୁତୋଷ ବେହେରା, ବିଶୁ ନାଗ ବରିଷ୍ଠ କର୍ମକର୍ତ୍ତା, ଯୁବ-ଛାତ୍ର ମହିଳା ଏବଂ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ ।

## ଜମିହରାଙ୍କ ରାସ୍ତା ରୋକ



**କୋକସରା/ଲଡୁଗାଁ,୭ ।୨(ସମିସ):** ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପରିକଳ୍ପନା ବିଜୁ ଏକ୍ସପ୍ରେସ ୱେ କୋକସରା ବ୍ଲକ ସହ ପଡୋଶୀ ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ସଂଯୋଗର ପଥ ସାଜିଛି । ଏହି ଏକ୍ସପ୍ରେସ ୱେରେ ଜମି ହରାଇଥିବା ଅନେକ ପରିବାର କ୍ଷତିପୂରଣ ପାଇଥିବାବେଳେ କେତେକ କାରଣ ଯୋଗୁଁ ଭୂର୍ଷାଗୁଡା ଗାଁର ଏକ ପରିବାର ଏଥିରୁ ବଞ୍ଚିତ ହୋଇଛନ୍ତି । ସେମାନେ ରାଜସ୍ୱ ନିରୀକ୍ଷକଙ୍କଠାରୁ ଆରମ୍ଭ କରି ତହସିଲ କାର୍ଯ୍ୟାଳୟ ଏମିତି କି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ବୁଧବାର ଭୂର୍ଷାଗୁଡାଠାରେ ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ । ଜମିହରା ପରିବାରଙ୍କ କହିବା ଅନୁସାରେ, ବିଜୁ ଏକ୍ସପ୍ରେସ ୱେ ପାଇଁ ସେମାନଙ୍କ ପ୍ରାୟ ୨ ଏକର ୮୧ ଡିସମିଲ ଜମି ଯାଇଛି; ହେଲେ ପ୍ରଶାସନର ଅବହେଳା କାରଣରୁ ଦିର୍ଘ ବର୍ଷରୁ ସେମାନଙ୍କୁ କ୍ଷତିପୂରଣ ସହାୟତା ମିଳୁ ନ ଥିବା ଓ ପୂର୍ବରୁ ଜମିର ଯେଉଁ ମୂଲ୍ୟ କୁହାଯାଇଥିଲା ତା' ତୁଳନାରେ ବର୍ତ୍ତମାନ ବହୁ ପରିମାଣରେ କମ୍ ମୂଲ୍ୟ ଧାର୍ଯ୍ୟ ହୋଇଥିବା ଜାଣିବାକୁ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି କ୍ଷତିଗ୍ରସ୍ତ । ଏ ନେଇ ଜମିହରା ପରିବାର ପକ୍ଷରୁ ରିଖ ମାଝୀ, ଔରତ ମାଝୀ, ସନୁ ମାଝୀ, ପୁରୁଷୋତ୍ତମ ମାଝୀ, ସୋମନାଥ ମାଝୀ, ବନମାଳୀ ମାଝୀ, ସନ୍ୟାସୀ ମାଝୀ, ସାଧୁରାମ ମାଝୀ, ଗଣେଶ ମାଝୀ, ହେମ ମାଝୀ, ତୁଲସା ମାଝୀ, ଦହନା ମାଝୀ, ଧନମତି ମାଝୀ, ଗଜମନି ମାଝୀ ପ୍ରମୁଖ ସକାଳ ୮ଟା ସମୟରୁ ବିଜୁ ଏକ୍ସପ୍ରେସ ୱେର ଭୂର୍ଷାଗୁଡା ନିକଟରେ ରାସ୍ତା ଅବରୋଧ କରିଥିଲେ । ତେବେ ଏହି ରାସ୍ତା ଅବରୋଧ ଫଳରେ ଧର୍ମଗଡ଼-ନବରଙ୍ଗପୁର ମଧ୍ୟରେ ଯାତାୟାତ ବନ୍ଦ ହୋଇଥିଲା । ଖବର ପାଇ ଆମପାଣି ଥାନା ଅଧିକାରୀ ଗଙ୍ଗାଧର ମେହେର, ଗୋତମୁଣ୍ଡା ରାଜସ୍ୱ ନିରୀକ୍ଷକ ଛନ୍ଦାଚରଣ ଖମାରୀ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ । ପରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ଓ ଅତିରିକ୍ତ ତହସିଲଦାର ମୋହନ୍ ଚରଣ ଜେନା ଆନ୍ଦୋଳନ ସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାର ଲୋକଙ୍କ ସହିତ ଆଲୋଚନା କରି ବୁଝାସୁଝା କରିଥିଲେ । ସୋମବାର ତହସିଲ କାର୍ଯ୍ୟାଳୟରେ ଜିଲ୍ଲାପାଳ ସହିତ ସିଧାସଳଖ ଆଲୋଚନା କରିବା ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ଏହା ପରେ ଦୀର୍ଘ ୪ଘଣ୍ଟା ପରେ ଏହି ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା ।

DADLS-95

ଓଡ଼ିଶା ସରକାର



ବିଶିଷ୍ଟ ସଂଗ୍ରାମୀ ତଥା
ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୮ ଫେବୃଆରୀ, ୨୦୨୪

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି : – ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ, ତାଳଚେର

ବିଶିଷ୍ଟ ଅତିଥି : – ଶ୍ରୀଯୁକ୍ତ ମୁକେଶ ପାଲ, ମାନ୍ୟବର ବିଧାୟକ, ପାଲଲହଡ଼ା

ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା : – ଶ୍ରୀଯୁକ୍ତ ଦାଶ ବେନହୁର, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0344/2324

# ୧୭ରୁ ମାରାଗୁଡ଼ା ମହୋତ୍ସବ

**ନୂଆପଡ଼ା, ୭।୨(ସମିସ)**

ରାଜ୍ୟବ୍ୟାପି ବିଭିନ୍ନ ଜିଲ୍ଲାରେ ଜିଲ୍ଲା ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହେଉଥିବାବେଳେ

**ଜିଲ୍ଲା ପ୍ରଶାସନର ପ୍ରଥମ ପ୍ରସ୍ତୁତି ବୈଠକ**

**୧୫ରୁ ଆରମ୍ଭ ହେବ ପଲ୍ଲିଶ୍ରୀମେଳା**

ଏଣିକି ନୂଆପଡ଼ା ଜିଲ୍ଲାରେ ମଧ୍ୟ ପ୍ରତିଷ୍ଠା ଉତ୍ସବ ବା ମାରାଗୁଡା ମହୋତ୍ସବ ଅନୁଷ୍ଠିତ ହେବ। ଦୀର୍ଘ ୧୨ ବର୍ଷ ଧରି କୌଣସି କାରଣକୁ ନେଇ ବନ୍ଦ ହୋଇପଡ଼ିଥିବା ମହୋତ୍ସବ ହେବା ନେଇ ଜିଲ୍ଲାବାସୀ ଖୁସି ପ୍ରକଟ କରିଛନ୍ତି। ଏଥିପାଇଁ ପ୍ରଶାସନ ଜିଲ୍ଲାର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ପ୍ରସ୍ତୁତି ବୈଠକ କରିଛି। ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା



ଡଲି ମାଝୀ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଉପଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରାଇତା, ସଂସ୍କୃତି ବିଭାଗ ଅଧିକାରୀ ରମେଶ ମାହାର, ଏପିଡି ଯୋଗେଶ୍ୱର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ସରୋଜ କୁମାର ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଭାନୁ ପ୍ରତାପ ସିଂ ମାଝୀ, କାର୍ତ୍ତିକ ଦୀପ, ରବି ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶବର ସୂଚନା ଦେଇ କହିଥିଲେ ଯେ ନୂଆପଡ଼ା ଭଳି ଜିଲ୍ଲାର ସଂସ୍କୃତି ଏବଂ ପରମ୍ପରାକୁ ସମ୍ମାନ ଜଣାଇବାକୁ ଏଠାରେ ପୂର୍ବରୁ ଚାଲିଆସିଥିବା ମାରାଗୁଡା ମହୋତ୍ସବକୁ ପୁଣିଥରେ ଆରମ୍ଭ କରିବାକୁ ପ୍ରସ୍ତାବ ଆଣିଥିଲେ। ଏହାକୁ ଜିଲ୍ଲାପାଳଙ୍କ ସୁପାରିଶକ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିରେ ସହର ତଥା ଜିଲ୍ଲାବାସୀଙ୍କ ସହଯୋଗ ତଥା ଭାଗୀଦାରୀ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପ୍ରଥମେ ପଲ୍ଲିଶ୍ରୀମେଳାକୁ ୧୫ରୁ ଆରମ୍ଭ କରାଯିବାକୁ ଥିବାବେଳେ ୧୭ ତାରିଖଠାରୁ ମାରାଗୁଡା ମହୋତ୍ସବ କରାଯିବ। ଏହା ୧୯ ତାରିଖ ଦିନ ସମାପନ ହେବ ବୋଲି କୁହାଯାଇଛି। ଏଥିପାଇଁ ୨୦ଲକ୍ଷ ଟଙ୍କାର ଅଟକଳ ରଖାଯାଇଛି। ଏଥିରେ କିପରି କାର୍ଯ୍ୟକ୍ରମ ସୁରୁଖୁରୁରେ ଜନାଦୃତ ହୋଇପାରିବ ସେଥିପାଇଁ ସବୁ ପ୍ରକାର କମିଟି ଗଠନ କରାଯାଇଥିଲା। କମିଟି ଗୁଡିକରେ ସରକାରୀ ଅଧିକାରୀ, ବେସରକାରୀ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଛି। ଏହି ଖବର ପାଇ ବିଭିନ୍ନ ବର୍ଗର ଲୋକେ ବୈଠକରେ ଯୋଗ ଦେଇ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ତଥା ରାଜ୍ୟସ୍ତରୀୟ ଲୋକକଳାକୁ ଗୁରୁତ୍ୱ ଦେବା ସହ ଜିଲ୍ଲା ଗଠନର ଉତ୍ସବକୁ ବିଶେଷ ଧ୍ୟାନ ଦିଆଯିବାକୁ ପ୍ରସ୍ତାବ ସବୁ ଆସିଥିଲା। ବୈଠକରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ, ସମାଜସେବୀ, ସାମାଜିକ ସଂଗଠନ, ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## କୋଶଲୀ ଚଳଚ୍ଚିତ୍ର 'ଖରା'ର ମୁକ୍ତିଲାଭ

**ଭବାନୀପାଟଣା, ୭ ।୨(ସମିସ):** ପଶ୍ଚିମ ଓଡ଼ିଶାର ଉତ୍ତପ୍ତ ଅଞ୍ଚଳ ଟିଟିଲାଗଡ଼ ଅଞ୍ଚଳ କାହାଣୀକୁ ନେଇ ମାନସୀ ପାଣିଗ୍ରାହୀଙ୍କ ପ୍ରଯୋଜନା ଓ ପଙ୍କଜ ଜାଲଙ୍କ ସହପ୍ରଯୋଜନାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଖରା' ଭବାନୀପାଟଣାସ୍ଥିତ ନ୍ୟୁ ଷ୍ଟାର୍ ସିନେପ୍ଲେକ୍ସରେ ରିଲିଜ୍ ହୋଇଯାଇଛି। 'ଖରା' ଚଳଚ୍ଚିତ୍ରଟି ଦର୍ଶକଙ୍କ ବେସ୍ ପସନ୍ଦ ହୋଇଛି। ଚଳଚ୍ଚିତ୍ରଟି ଟିଟିଲାଗଡ଼ ଅଞ୍ଚଳ ଖରା, ଦାଦନ ଶ୍ରମିକର କାହାଣୀ ଅଭାବ ଅନଟନ ସହ ପାଣିର ଅଭାବ ଯୋଗୁଁ ଚାଷ ନ ହେବା ଏବଂ ମହାଜନଠାରୁ ସୁଧ ଆଣି କିପରି ଦାଦନ ଖଟିଯିବାର ଦୁଃଖ ସହ ଏହି ଅଞ୍ଚଳରେ ଥିବା ଲୋକଙ୍କର ସଂଘର୍ଷ କାହାଣୀକୁ ନେଇ ତିଆରି ହୋଇଛି। ଏଥିରେ ନିର୍ଦ୍ଦେଶକ ଯୁଗଳ ସାହୁ, କଣ୍ଠଶିଳ୍ପୀ ରୁକୁ ସୁନା, ଅନେକ ଅଭିନେତା ଓ ଅଭିନେତ୍ରୀ ଉପସ୍ଥିତ ଥିଲେ। ଏହି ଚଳଚ୍ଚିତ୍ରଟି ସତ୍ୟ ଘଟଣା ଉପରେ ଆଧାରିତ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ କଳାହାଣ୍ଡି ଜିଲ୍ଲାର ଅଭିନେତ୍ରୀ ସନ୍ଧ୍ୟା ଦୀପ, କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ ଓ କଳା ନିର୍ଦ୍ଦେଶକ ଭାବରେ କଳାହାଣ୍ଡିର ଏଲ୍. ଈଶ୍ୱର ରାଓ ଏହି ଚଳଚ୍ଚିତ୍ରରେ କାର୍ଯ୍ୟ କରିଛନ୍ତି। ଛାୟା ଚିତ୍ର ନିର୍ଦ୍ଦେଶକ ଗୋପାଳ ପ୍ରଧାନ, ଏଡିଟର ସୁନିଲ ମେହେର, ପବ୍ଲିସିଟି ଡିଜାଇନ୍ ବ୍ଲାଙ୍କ କାନ୍‌ଭାସ୍ ଆର୍‌ଜିଏଫ୍, କ୍ୟାମେରାମେନ୍ ସନ୍ତୋଷ ସାହୁ ପ୍ରମୁଖ ଏହି ଚଳଚ୍ଚିତ୍ରରେ ଦାୟିତ୍ୱ ସମ୍ପାଦନ କରିଛନ୍ତି।



## କେସିଙ୍ଗା ବିକାଶ ମଞ୍ଚର ରଣହୁଙ୍କାର

**କେସିଙ୍ଗା, ୭ ।୨(ସମିସ):** ସହରର ବିଭିନ୍ନ ଛୋଟ ବଡ଼ ସମସ୍ୟା ନେଇ କେସିଙ୍ଗା ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ବ୍ଲକ ସଭାଗୃହରେ ସାମ୍ବାଦିକ ମହାସଂଘ ଦ୍ୱାରା ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କିଛି ଦିନ ତଳେ କେସିଙ୍ଗା ବ୍ଲକର ୨ଟି ଜାଗାରେ ଟୋଲ ଗେଟ୍ ଆରମ୍ଭ ହୋଇଛି। ରାଜପଥ ବିଭାଗର ନିୟମ ଅନୁସାରେ ୨୦ କିଲୋମିଟର ଭିତରେ ଥିବା ଗାଆଁଗଣ୍ଡା ଓ ସହର ଟୋଲମୁକ୍ତ ରହିବା କଥା; ହେଲେ କେସିଙ୍ଗାରେ ଏହାର ବ୍ୟତିକ୍ରମ ହେଉଛି। ଏହାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏହି ଟୋଲ ଟ୍ୟାକ୍ସ ଛାଡ଼ ବିଷୟରେ ଟୋଲ ଟ୍ୟାକ୍ସ ଆଦାୟ କରୁଥିବା ସଂସ୍ଥାର ଅଧିକାରୀଙ୍କ ସହ ମଧ୍ୟ ବିକାଶ ମଞ୍ଚର କର୍ମକର୍ତ୍ତା ଫୋନ୍‌ରେ କଥା ହୋଇଥିଲେ। ଅଧିକାରୀ ଜଣକ କିନ୍ତୁ ନିୟମ କାନୁନ୍‌ର ପାଠ ପଢ଼ାଇ ୨୦ କିଲୋମିଟର ଭିତରେ ମାସକୁ ୩୨୦ ଟଙ୍କା ଦେଇ ପାସ୍ ନେବା ପାଇଁ କହିଥିଲେ। ତେବେ ବରଗଡ଼ ଜିଲ୍ଲାରେ ଅବସ୍ଥିତ ଟୋଲ୍‌ଗେଟ୍‌ରେ ସମଗ୍ର ବରଗଡ଼ ଜିଲ୍ଲାବାସୀ ବିନା ଟୋଲ୍ ଟ୍ୟାକ୍ସରେ ଯାତାୟାତ କରୁଥିବା ଜଣାପଡ଼ିବା ପରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବିକାଶ ମଞ୍ଚ ଚେତାବନୀ ଦେଇଛି। ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ବୈଷ୍ଣବ ବୈରାଗୀ ସମାଜର ବୈଠକ

**ଗଣ୍ଡାବାହାଲି, ୭ ।୨(ସମିସ):** ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ବ୍ଲକର ବାଦୀ ଗ୍ରାମରେ ବୈଷ୍ଣବ ବୈରାଗୀ ସମାଜର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଲଳିତ ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପେଶ୍ୱର ଦାସ ବୈଷ୍ଣବ ବୈରାଗୀ ସମାଜର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହିତ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ କୃଷ୍ଣ ଚନ୍ଦ୍ର ଦାସ, ଜଗତ ରାମ ଦାସ, ନୀଳଗିରି ଦାସ, ମହୋଦୟ ଦାସ, ଶ୍ୟାମ ସୁନ୍ଦର ଦାସ, ଚମାର ଦାସ, ଜଗନ୍ନାଥ ଦାସ, ଦୁଯୋଧନ ଦାସ, ପୁଣ୍ଡରୀ କାକ୍ଷ ଦାସ, ଜିତେନ୍ ଦାସ, ଓମପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଲାଞ୍ଜିଗଡ଼ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼, ୭/୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଜଗନ୍ନାଥ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ମନ୍ଦିର ପ୍ରତିଷ୍ଠା ପରିଚାଳନା ନିମନ୍ତେ ଲାଞ୍ଜିଗଡ଼ର ପ୍ରତେକ ପଡ଼ାର ମହିଳାମାନଙ୍କୁ ଡକାଯାଇ ବୈଠକ ଅନୁଷ୍ଠିତ କରାଯାଇଥିଲା। ପ୍ରତେକ ପଡ଼ାର ମହିଳାମାନଙ୍କୁ ନେଇ ସେବା କମିଟି ଗଠନ କରାଯାଇଛି। ପ୍ରତ୍ୟେକ ପଡ଼ାର ୫ ଜଣ ମହିଳାଙ୍କୁ ସେବା କମିଟି ସଭ୍ୟ ରଖାଯାଇଛି। ମନ୍ଦିର ପ୍ରତିଷ୍ଠା ପରିଚାଳନା ଦଳର ସଭାପତି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ପ୍ରତ୍ୟେକ ମହିଳା ମଣ୍ଡଳୀଙ୍କ କାର୍ଯ୍ୟସୂଚୀ ବଣ୍ଟନ କରାଯାଇଥିଲା। ଜଗନ୍ନାଥ ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ପ୍ରତାପ ସିଙ୍ଗଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଅଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ବରିଷ୍ଠ ଶିକ୍ଷକ କାମରାଜ ଦଳବେହେରା, ଅଶୋକ ପଟ୍ଟନାୟକ, ଶିଶିର ପୂଜାରୀ, ବିପିନ ପଣ୍ଡନାୟକ, ଶରତ ସିଙ୍ଗ, ଭୁପେନ୍ଦ୍ର ମହାରଥଓ, କାର୍ତ୍ତିକ ଓଡ଼ିଆ, ରାଘବ ଗହୀର, ପଞ୍ଚାନନ ବାଣୁଆ, ମହିଳା ପୁରୁଷ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ବେହେରା, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଲଖିରାମ ଅଗ୍ରୱାଲ ଉଚ୍ଚ ମହାବିଦ୍ୟାଳୟରେ ଚାଲିଥିବା ନୂଆ-ଓ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମଳନୀ ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ପ୍ରିୟାନନ୍ଦ ଯୋଗ ଦେଇ ଜଗନ୍ନାଥ ହି ଜୀବନର ପ୍ରତୀକ। ସନାତନ ଶୃଙ୍ଖଳାର ସଂରକ୍ଷକ ହିଁ ଜଗନ୍ନାଥ ସଂସ୍କୃତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଗଣେଶ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ନିକୁଞ୍ଜ ବିହାରୀ ସାହୁ, ଫକୀର ଚଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ମୋହନ ଚରଣ ବିଶି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ଓଡିଆ କବିତା ଲିଖନ, ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ପ୍ରବନ୍ଧ ରଚନା, ସଂସ୍କୃତି ଜ୍ଞାନ, ମୋ ଜଗନ୍ନାଥ ଚିତ୍ରାଙ୍କନ, ଓଡିଆ ସଂସ୍କୃତି ବକ୍ତୃତା, ଓଡିଆ ଭାଗବତ ପଠନ, ଓଡିଶୀ ନୃତ୍ୟ, ଓଡିଆ ପିଠା ପ୍ରସ୍ତୁତି, ଜଗନ୍ନାଥ ଭଜନ, ଓଡିଆ ହସ୍ତାକ୍ଷର ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଶୋକ ଚଣ୍ଡି, ସାନ୍ନର୍ଯ୍ୟ ଗୋପାଳ ପ୍ରମୂଖ ସହଯୋଗ କରିଥିଲେ।




## ଫାଇଲେରିଆ ସମ୍ପର୍କିତ କର୍ମଶାଳା

**ଭବାନୀପାଟଣା, ୭ ।୨(ସମିସ):** ଫାଇଲେରିଆ ରୋଗର ନିରାକରଣ ପାଇଁ




ଆଗାମୀ ୧୦ରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଓ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି। ଗତ ବର୍ଷ ନର୍ଲା ବ୍ଲକରେ ୯୨ ପ୍ରତିଶତ ଲୋକଙ୍କୁ ଔଷଧ ସେବନ କରା ଯାଇଥିଲା। ଗତ ବର୍ଷ ଅନୁସାରେ ପରୀକ୍ଷାର ୩ ପ୍ରତିଶତ ଲୋକେ ଏହି ରୋଗରେ ପ୍ରଭାବିତ ହେଇଥିବା ଜଣାଯାଇଛି। ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି।

## ପୋଟେସ ପ୍ରକଳ୍ପ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

**କଲମପୁର, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପଣ୍ଡିଗାଁ ଗ୍ରାମ ପଞ୍ଚାୟତର ପୋଟେସ ପ୍ରକଳ୍ପ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନାଏକ ଯୋଗଦେଇ ଛାତ୍ରଛାତ୍ରୀ ଭଲ ଭାବେ ଅଧ୍ୟୟନ କଲେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିବା ସହ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ହଂସ ଓ ପଣ୍ଡିଗାଁ ସରପଞ୍ଚ କବିତା ଜୈନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ମାଝୀ ବିବରଣୀ ପଠନ କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ୧୧୫ଜଣ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ବାଳକ ବିଭାଗରେ ଅଥର୍ବ ରାଜ କଟ୍ରା ଓ ବାଳିକା ବିଭାଗରେ ମୋନାଲିସା ରାଉତ ଚାମ୍ପିଅନ ହୋଇଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଗ୍ରାମର ବିଶିଷ୍ଟ ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହ ସିଆରସିସି ନବଘନ ସାହୁ, ଶିକ୍ଷୟିତ୍ରୀ ମଲ୍ଲିକା ନାଏକ, ବେଲପଡ଼ା ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଂଯୁକ୍ତା ମୁଣ୍ଡଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲମପୁର କ୍ଲଷ୍ଟରର ବରଦୋଲି, ପଣ୍ଡିଗାଁ, ପାଜେନ, ଗୁମାବହାଲ, ଗୌଡ଼କେନ୍ଦୁଗୁଡା, ବେଲପଡ଼ାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମାଝୀ, ଶିକ୍ଷକ ତ୍ରିଲୋଚନ ଧଳ, ଦୀପକ ଅଟ, ଶିକ୍ଷୟିତ୍ରୀ ମଲ୍ଲିକା ନାଏକଙ୍କ ସମେତ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ। ସିଆରସିସି ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ତ୍ରିଲୋଚନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃସ୍କୁଲ କ୍ରିକେଟ ଫାଇନାଲରେ ବିମଳା କନଭେଣ୍ଟ ସ୍କୁଲ

**ଭବାନୀପାଟଣା, ୭ ।୨(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଓ କଳାହାଣ୍ଡି ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଭବାନୀପାଟଣାସ୍ଥିତ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାରେ ବିମଳା କନଭେଣ୍ଟ ସ୍କୁଲ ଫାଇନାଲରେ ପ୍ରବେଶ କରିଛି।ବୁଧବାର ଦିତୀୟ ସେମିଫାଇନାଲରେ ବିକାଶ ରେସିଡେଣ୍ଟାଲ ସ୍କୁଲ ଓ ବିମଳା କନଭେଣ୍ଟ ସ୍କୁଲ ପରସ୍ପରକୁ ଭେଟିଥିଲେ। ଏଥିରେ ବିକାଶ ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୪ ଉଇକେଟ ହରାଇ ୨୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ବିମଳା କନଭେଣ୍ଟ ସ୍କୁଲ ୨୬ ଓଭରରେ ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବିମଳା କନଭେଣ୍ଟ ସ୍କୁଲର ଆରିୟନ ଆରିଆ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପ୍ରଭାତ ବେମାର ଓ ବିପ୍ଳବ ସିଂ ଖେଳ ପରିଚାଳନା କରିଥିଲେ। ସ୍କୋରର ଅମୀୟ ସେନାପତି, ମାନୁଆଲ ସ୍କୋର କାର୍ଡରେ ମଳୟ ଦିୱେଦି ରହିଥିଲେ। ଆଜିର ସେମିଫାଇନାଲର ମୁଖ୍ୟ ଅତିଥିଭାବେ କେଡିଏଏର ଆଥଲେଟିକ୍ ସମ୍ପାଦକ ରବି ପ୍ରସାଦ କାନୁନଗୋ, କଳାହାଣ୍ଡି କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ମହମ୍ମଦ ଅବଦୁଲ କାଦର, ସର୍ଦ୍ଦାର ନିର୍ମଳ ସିଂ, ବରିଷ୍ଠ ସଭ୍ୟ ଭିକାରି ଚରଣ ମିଶ୍ର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ଶମ୍ଭୁ




ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, ବରିଷ୍ଠ ସହ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, ପ୍ରସାଦ ରାଉତ, ସୁରେଶ ଗଉଡ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁବାର ସକାଳ ୯ଟାରେ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଫାଇନାଲରେ ଏସ୍‌ଏସ୍ ଭିଏମ୍ ବ୍ରଜବିହାର ଓ ବିମଳା କନଭେଣ୍ଟ ସ୍କୁଲର ମୁକାବିଲା ହେବ।

## ଟାନୱାଟ୍ ରାସ୍ତା ପିଚୁ କାମ ନିମ୍ନମାନର

**ନୂଆପଡ଼ା, ୭।୨(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମା ମଧ୍ୟରେ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ହେଉଥିବା ପିଚୁ କାମ ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି। ସଦର



ମହକୁମାସ୍ଥିତ ଟାନୱାଟ ଗାଁଠାରୁ ନୂଆପଡ଼ା ଜାତୀୟ ରାଜପଥ ୩୫୩ ପର୍ଯ୍ୟନ୍ତ କାମ ପିଚୁ କାମ ହେଉଥିବାବେଳେ ଏହା ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ କାମକୁ ବନ୍ଦ କରି ତଦନ୍ତ କରିବାକୁ ଦାବି କରିଛନ୍ତି। ପ୍ରକାଶ ଯେ ଟାନୱାଟ ଗାଁ ମୁଣ୍ଡରୁ ପୁରୁଣା ରାସ୍ତା ପିଚୁ ଉଠିପଡ଼ିଥିବା ହେତୁ ବିଭାଗ ତରଫରୁ ୬୮ ଲକ୍ଷ ଟଙ୍କାର ପୁନଃ ଡାବରିକରଣ କରାଯିବାକୁ ମଞ୍ଜୁରୀ କରିଛି। ଏଥିରେ ବର୍ତ୍ତମାନ ନୂଆପଡ଼ା ଯୁକ୍ତ ଦୁଇ ବିଜ୍ଞାନ କଲେଜ ନିକଟରେ କାମ ଚାଲିଥିବାବେଳେ ଏଥିରେ ନିମ୍ନମାନର କାମ କରାଯାଉଥିବା ଅଭିଯୋଗ ହୋଇଛି। ଏହି କାମରେ ପୁରୁଣା ରାସ୍ତାରୁ ଧୂଳି, ମାଟି ସଫା ନ କରି ତା ଉପରେ ପିଚୁ କରାଯାଉଥିବା ଦେଖାଯାଇଛି। ଏହି ଖବର ପାଇ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝୀ ନିଜ ସହଯୋଗୀଙ୍କ ସହ ଆସି କାମର ମାନ ପରଖିଥିଲେ। କାର୍ଯ୍ୟସ୍ଥଳରେ ଥିବା ଯନ୍ତ୍ରୀଙ୍କୁ କାମର ମାନ ଦେଖାଇ ଏହାକୁ ଠିକ ଭାବେ କରିବାକୁ ତାଗିଦ କରିଥିଲେ। ଏହି କାମକୁ ଦେଖି ସ୍ଥାନୀୟ ଲୋକେ ମଧ୍ୟ ରୁଷ୍ଟ ହୋଇ ଠିକ ଭାବରେ କାମ କରିବାକୁ ଦାବି କରିଥିଲେ। ଦୀର୍ଘ ୭କିମି ପର୍ଯ୍ୟନ୍ତ କାମ କରାଯାଉଥିବା ହେତୁ ଯେଉଁ କାମ ସରିଛି ତାରି ମଧ୍ୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଏହା କରା ନ ଯିବା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ଲୋକେ ଅଡି ବସିଛନ୍ତି।

## ରାଜ୍ୟସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟ ତୃତୀୟ ସ୍ଥାନରେ ନୂଆପଡ଼ା

**ନୂଆପଡ଼ା, ୭।୨(ସମିସ):** ନୂଆପଡ଼ା ଜିଲ୍ଲା କବାଡି ଟିମ କଟକରେ ଚାଲିଥିବା ରାଜ୍ୟସ୍ତରୀୟ ୭୧ତମ ସିନିୟର ଷ୍ଟେଟ ମେନ୍ସ ଟୁର୍ଣ୍ଣାମେଣ୍ଟରେ ତୃତୀୟ ସ୍ଥାନରେ ରହି ଅଭିଯାନ



ଶେଷ କରିଛି। ଦଳକୁ ସିଆରପିଏଫ ୨୧୬ବାଟାଲିୟନ ତରଫରୁ ଭବ୍ୟ ସ୍ୱାଗତ କରାଯାଇଛି। ପ୍ରକାଶ ଯେ ଗତ ୨ତାରିଖଠାରୁ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ସିଆରପିଏଫର ସହାୟତାରେ ତଥା କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋଷଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ନୂଆପଡ଼ା ଟିମ କଟକ ଯାଇ ଖେଳ ପ୍ରଦର୍ଶନ କରିଥିଲା। ସେଥିରେ ପ୍ରଥମେ ଏହି ଟିମ ବରଗଡ଼, ବଲାଙ୍ଗୀର, ଜଗତସିଂ ପୁର, ଖୋର୍ଦ୍ଧାକୁ ହରାଇବା ପରେ ପ୍ରି କ୍ୱାର୍ଟର ଫାଇନାଲରେ କିଟ ୟୁନିଭର୍ସିଟିର ଟିମକୁ ହରାଇଥିବାବେଳେ କ୍ୱାର୍ଟର ପାଇନାଲରେ ଭୁବନେଶ୍ୱର ଦଳକୁ ହରାଇ ଶେଷରେ ଓଡ଼ିଶା ପୁଲିସ ଦଳଠାରୁ ୩୧-୩୪ପଏଣ୍ଟରେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ନୂଆପଡ଼ା ଫେରିବା ପରେ ସ୍ଥାନୀୟ ସିଆରପିଏଫ କ୍ୟାମ୍ପରେ ଏକ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ କ୍ୟାମ୍ପର ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଟିମକୁ ନେତୃତ୍ୱ ଦେଇଥିବା ଜିଲ୍ଲା କବାଡି ଆସୋସିଏସନ ସଭାପତି ହରିଶ ଅହୀର କମାଣ୍ଡାଣ୍ଟ ଏରିକଙ୍କ ବଳିଷ୍ଠ ପ୍ରେରଣା ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ନିଜର ପ୍ରତିଭା ଦେଖାଇ ପାରିଛନ୍ତି ବୋଲି କହିଛନ୍ତି।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଭବାନୀପାଟଣା, ୭ ।୨ (ସମିସ):** ଭବାନୀପାଟଣାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମା ମାଣିକେଶ୍ୱରୀ ବିଶ୍ୱ?ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ




କୁମାର ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳ ସଚିବ ପିତାମ୍ବର ଭୋଇ, ସିପିଜିସି ଅଧ୍ୟକ୍ଷା ଡ଼. ନିବେଦିତା ନାଥ, ଇଂରାଜୀ ବିଭାଗୀୟ ମୁଖ୍ୟ ମେଜର ଜୟଦେବ ସାହୁ, କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ଜୟନ୍ତୀ ଭୋଇ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ ଅତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଯଦି ଜୀବନରେ କେବେ ବିପଦଜ୍ଜନକ ପରିସ୍ଥିତି ଆସେ ତାକୁ ମୁକାବିଲା କରି ପାରିବେ ବୋଲି କହିଥିଲେ। ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରରେ ପ୍ରଶିକ୍ଷିକା ଜୟନ୍ତୀ ଭୋଇ, ଶ୍ରଦ୍ଧାଞ୍ଜଳି ମାଝୀ, ପ୍ରମିଳା ସା ଓ ରିକିନା ରାଉତ ପ୍ରଶିକ୍ଷଣ ଦେଇଥିଲେ। ଏହି ଆତ୍ମ ସୁରକ୍ଷା ତାଲିମ ଶିବିର ଦ୍ୱାରା ଛାତ୍ରୀମାନଙ୍କ ମନରେ ସାହସ ସଞ୍ଚାର ହୋଇଛି।

**ଆମପାଣି ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

## 'ଶିକ୍ଷା ହିଁ ସବୁ ସମସ୍ୟାର ଅନ୍ତ କରିଥାଏ'

**କୋକସରା, ୭ ।୨(ସମିସ)**

ଯଦି ଆମେ ସକରାତ୍ମକ ଭାବରେ ଶିକ୍ଷା ଗ୍ରହଣ କରିବୁ ନିଶ୍ଚିତ ଭାବରେ ସଫଳତା ହାସଲ କରି ପାରିବା। ଶିକ୍ଷା ଏକ ଏମିତି ସାଧନା ସବୁ ସମସ୍ୟାର ଅନ୍ତ କରିଥାଏ। ଆମପାଣି ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ୭୪ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ରାମକୃଷ୍ଣ ଗଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ମୁଖ୍ୟ ଅତିଥି, ଉଦୟ ସିଂ ମାଝୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡ଼ି ସଭାପତି ମାନସ ରଞ୍ଜନ ବାଗ, ଶିକ୍ଷକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପଣ୍ଡା, କୋକସରା ବ୍ଲକ ଭାରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରୀ ତଥା ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର




ବେହେରା, ଜିତେନ୍ଦ୍ର ପଣ୍ଡା, ମନୋରଞ୍ଜନ ବାଣୁଆ, ଭାସ୍କର ଦଣ୍ଡସେନା, ସୁରେଶ ଚନ୍ଦ୍ର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ରୁକ୍ମିଣୀ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଣବ କୁମାର ଯୋଶୀ ଓ ଅମୂଲ୍ୟ ନାଏକ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି କେଶବ ବେଣୁପାଣି, ଅହଲ୍ୟା ପାଣିଗ୍ରାହୀ, ଶବରେ ଚଳାନ, ହେମଲତା ଜଗତ, ସବିତା ମାଝୀ, ଉର ପୁଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ନିୟମିତ ଚଳାଚଳ

**ବଲାଙ୍ଗିର/ସୋନପୁର, ୭।୨(ସମିସ):** ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ନିଷ୍ପତ୍ତି ନିଆଯାଇଛି। ଏହି ଟ୍ରେନର ଶୁଭାରମ୍ଭ ୩ ଫେବୃଆରୀରେ କରାଯାଇଥିଲା ବେଳେ ଏବେ ପୁରୀରୁ ୮ ଫେବୃଆରୀଠାରୁ ଏବଂ ସୋନପୁରଠାରୁ ୯ ଫେବୃଆରୀଠାରୁ ଚଳାଚଳ ନିଷ୍ପତ୍ତି ହୋଇଛି। ୧୮୪୨୧ ପୁରୀ-ସୋନପୁର ସାପ୍ତାହିକ ଏକ୍ସପ୍ରେସ ପ୍ରତ୍ୟେକ ଗୁରୁବାର ପୁରୀରୁ ସନ୍ଧ୍ୟା ୭.୩୫ମି.ରେ ଛାଡି ତା' ପରଦିନ ଭୋର ୫.୩୦ମି.ରେ ସୋନପୁରରେ ପହଞ୍ଚିବ। ଫେରିବା ମାର୍ଗରେ, ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ ପ୍ରତ୍ୟେକ ଶୁକ୍ରବାର ସୋନପୁରରୁ ସନ୍ଧ୍ୟା ୭.୩୦ମି.ରେ ଛାଡି ଶନିବାର ସକାଳ ୬.୫୫ମି.ରେ ପୁରୀରେ ପହଞ୍ଚିବ।

ଏହି ଟ୍ରେନ ପୁରୀ ଏବଂ ସୋନପୁର ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୁଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ ରୋଡ, ବଲାଙ୍ଗିର, ବିଞ୍ଛୁପାଲି, ଝାରତରଭା ଏବଂ ନରସିଂହଗଡରେ ରହଣି କରିବ। ଟ୍ରେନରେ ଗୋଟିଏ ଏସି-୨ ଟାୟାର, ସାତଟି ଏସି-୩ ଟାୟାର, ଗୋଟିଏ ଏସି-୩ ଟାୟାର ଇକୋନୋମି, ଛଅଟି ସ୍ଲିପର ଶ୍ରେଣୀ, ତିନିଟି ଦ୍ୱିତୀୟ ଶ୍ରେଣୀ ସିଟିଙ୍ଗ, ଗୋଟିଏ ଗାର୍ଡ, ଲଗେଜ୍ ତଥା ଦିବ୍ୟାଙ୍ଗଜନ କୋଚ୍ ଏବଂ ଗୋଟିଏ ଗାର୍ଡ, ଲଗେଜ୍ ତଥା ମୋଟର କୋଚ୍ ଉପଲବ୍ଧ ରହିବ ବୋଲି ରେଳ ବିଭାଗ ତରଫରୁ ସୂଚନା ମିଳିଛି।

### କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ସରଗରମ ରାଜନୀତି

# ସାଂସଦଙ୍କ ୨୦୧୯ ପ୍ରତିଶ୍ରୁତି ଥିଲା ମିଛ, ଏବେ ପୁଣି ଭୁଆଁ ବୁଲାଉଛନ୍ତି: ବିଜେଡି

**ତୁରେକେଲା/କଣ୍ଟାବାଞ୍ଜି, ୭।୨(ସମିସ)**

ସାଂସଦ ସଙ୍ଗୀତା ସିଂହ ଦେଓ କଣ୍ଟାବାଞ୍ଜିରେ ମରାମତି କାରଖାନା ହେବା ହେବ ବୋଲି କହିବା ପରେ ଏନେଇ ଜିଲ୍ଲାରେ ବିଜେଡି ଓ ବିଜେପି ମଧ୍ୟରେ ଆଗାମୀ ନିର୍ବାଚନ ପୂର୍ବରୁ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ବୁଧବାର ବିଜେଡି ପକ୍ଷରୁ ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଅଜିତ ଯୋଶୀ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ସଙ୍ଗୀତା ସିଂହଦେଓ ଓ ବିଜେପି ଜିଲ୍ଲା ସଭାପତି ଶିବାଜୀ ମହାନ୍ତିଙ୍କୁ କଡା ଜବାବ ଦେଇଛନ୍ତି।

୨୦୧୯ରେ ବର୍ତ୍ତମାନ ବଲାଙ୍ଗିରର ବିଜେପି ସାଂସଦ ସଙ୍ଗୀତା ସିଂଦେଓ ରେଳ ୱାଗନ୍ ମରାମତି କାରଖାନା, ପମ୍ପ ତଲାବ ପନରୁଦ୍ଧାର ଆଦି ପ୍ରସଙ୍ଗରେ ଭୋଟ୍ ହାସଲ କରି ବିଜୟୀ ହୋଇଥିଲେ। ଏହାପରେ ସେ ଏହି ଅଞ୍ଚଳର ବିକାଶ ପ୍ରତି ଆଖି ବୁଜି ଦେଇଥିବା ବର୍ତ୍ତମାନର ପରସ୍ଥିତି ପ୍ରମାଣିତ କରୁଛି। ଏବେ ପୁଣି ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ନେତାମାନେ ଏହି ଅଞ୍ଚଳରୁ ଭୋଟ୍ ପାଇଁ ବିକାଶର ଛଳନା କରୁଥିବା ଶ୍ରୀ ଯୋଶୀ ଦୃଢ଼ ଯୁକ୍ତି କରିଛନ୍ତି। ଏହାସହ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଏକଛତ୍ରବାଦ ଶାସନ ଚାଲିଥିବା ସେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଜେପି ଜିଲ୍ଲା ସଭାପତି ଚୁପ କାହିଁକି ବୋଲି ଆକ୍ଷେପ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଯୁବ ସମ୍ପାଦକ ଶାନ୍ତନୁ ବିଭାର, ବିଜେଡି ନଗର ଯୁବ ସଭାପତି ବିଶାଳ ବେହେରା, ଯୁବ ବିଜେଡି ନେତା ପୁରୁଷୋତ୍ତମ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।



# ଦେଓଗାଁରେ ନୂତନ ତହସିଲଦାର

**ଦେଓଗାଁ, ୭।୨ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲରେ ନୂତନ ତହସିଲଦାର ଭାବେ ବିକ୍ରମ କେଶରୀ ନାୟକ ଯୋଗଦେଇଛନ୍ତି। ସେ ପୂର୍ବରୁ କନ୍ଧମାଳ ଜିଲ୍ଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ନୂତନ ତହସିଲଦାରଙ୍କ ଯୋଗଦାନ ପରେ ସ୍ଥାନୀୟ ଓକିଲ ସଂଘ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ନିୟମାନୁସାରେ ଲୋକଙ୍କୁ ସେବା ଯୋଗାଇବା ପ୍ରାଥମିକତା ରହିବ ବୋଲି କହିଥିଲେ। ପୂର୍ବରୁ ଥିବା ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକକୁ ବିଡିଓ ଭାବେ ବଦଳି ହୋଇଥିବା ଜଣାପଡ଼ିଛି।



# ଗୁଡଭେଲାରେ ନୂତନ ବିଡିଓ

**ତୁଷୁରା, ୭।୨ (ସମିସ):** ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକରେ କିଛି ବର୍ଷ ହେଲା ବିଡ଼ିଓ ମାନଙ୍କ ଯିବା ଆସିବା ଲାଗିରହିଛି। ଫଳରେ କିଛି ବର୍ଷ ହେଲା ସ୍ଥାୟୀ ବିଡ଼ିଓ ଗୁଡଭେଲା ବ୍ଲକବାସୀ ପାଇପାରୁ ନଥିଲେ। ବୁଧବାର ସୌମ୍ୟକାନ୍ତ ବାଙ୍ଗୋଲା ଗୁଡଭେଲା ବ୍ଲକରେ ନୂତନ ବିଡ଼ିଓ ଭାବେ ଯୋଗଦାନ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମାଲକାନଗିରି ଜିଲ୍ଲାର ଡେପୁଟି କଲେକ୍ଟର ଭାବରେ କାର୍ଯ୍ୟଭାର ତୁଲାଉଥିଲେ।



# ରାମାୟଣ ପାରାୟଣ ସମ୍ପନ୍ନ

**ଦେଓଗାଁ, ୭।୨ (ସମିସ):** ଦେଓଗାଁ ବ୍ଲକ ସାରସବାହାଲ ବଙ୍ଗଳା ଛକରେ ୯ ଦିନ ଧରି ଚାଲିଥିବା ନବାହ ପାରାୟଣ ଉଦଯାପିତ ହୋଇଯାଇଛି। ପାରାୟଣ କମିଟି ଆନୁକୂଲ୍ୟରେ ଚାଲିଥିବା ରାମଚରିତ ମାନସ ପାରାୟଣର ଉଦଯାପନୀ ଦିବସରେ ଶ୍ରୀରାମଙ୍କ ପୁଷ୍ପାଭିଷେକ ଓ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ହୃଦାନନ୍ଦ ଗଡ଼ତ୍ୟା ଓ ତାଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ଗଡ଼ତ୍ୟା ଦାୟିତ୍ୱ ତୁଲାଇଥିବା ବେଳେ ବ୍ୟାସଭାବେ ବୀରମାହାରାଜପୁରର ଦୈତାରୀ ବିଶି ଏବଂ ପୂଜକ ବାଳକୃଷ୍ଣ କର ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ମାର୍କଣ୍ଡ ମେହେର, ଆହାଲାଦ ମେର୍ଲି, ଆନନ୍ଦ ମହାକୁର, ଟୁନା ଚାନ୍ଦ, କୁନା ସାହୁ, ବାଳମୁକୁନ୍ଦ ପରୁଆ, ଧନେଶ୍ୱର ରଣା, ମନୋଜ ପୁରୋହିତ, ଶଙ୍କର ନାଏକ ତଥା ସାରସବାହାଲ ଗ୍ରାମବାସୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶିଶୁ ବିଦ୍ୟା ମନ୍ଦିରର ସମାବର୍ତ୍ତନ ଉତ୍ସବ

**ତୁଷୁରା, ୭।୨ (ସମିସ):** ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁଶୀଳ ଦାସ ସ୍ୱାଗତ ଅଭିଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବେଣୁଧର ମନହିରା ଏବଂ ସମ୍ମାନିତ ଅତିଥି ରୂପେ ରାଧେଶ୍ୟାମ ତ୍ରିପାଠୀ ଯୋଗ ଦେଇଥିଲେ। ସୁରେଶଚନ୍ଦ୍ର ସାହୁ, ରୂପେଶ ନାୟକ, ରାଧାମାଧବ ବେହେରା, ବ୍ୟାସଦେବ ମେହେର, ପଞ୍ଚାନନ ତ୍ରିପାଠୀଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା ଯୋଗଦାନ କରିଥିଲେ।



# କିଶୋର ନ୍ୟାୟ ଆଇନ ସମ୍ପର୍କିତ ସଚେତନତା

**ବଲାଙ୍ଗିର, ୭।୨(ସମିସ):** ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ୍ ଉପରେ ସଚେତନତା କାର୍ଯ୍ୟକ୍ରମ ରଶ୍ମି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବରଗ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଟାଉନ ଥାନାଧିକାରୀ ବିଶ୍ୱଜିତ ମନବୋଧ, ଅତିରିକ୍ତ ଥାନାଧିକାରୀ ଅନିତାରାନୀ ପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ସାମାଜିକ କର୍ମୀ ଅରୁଣ ଖୁଆସ, ପୂର୍ବତନ ଅଧ୍ୟକ୍ଷ ଶିଶୁ ମଙ୍ଗଳ ସମିତିର ଯୋଗେଶ୍ୱର ମହାନ୍ତି ଏ ପ୍ରସଙ୍ଗରେ ମତ ପ୍ରକାଶ କରିଥିଲେ। ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବୈଶମ୍ପାୟନ ଦାସ, ଆଦ୍ୟାଶା ମିଶ୍ର, ବିଜୟଲକ୍ଷ୍ମୀ ବସ୍ତିଆ, ଆକାଶ ମିଶ୍ର, ପ୍ରଦ୍ୟୁମ୍ନ ଜ୍ୟୋତି, ରୁଚିସ୍ମିତ ଗହିର, ଚିତ୍ତରଞ୍ଜନ ପଣ୍ଡା, ପ୍ରମୋଦ ଦାସ, ରିତା ପାଣ୍ଡେ ଓ ଡ. ପ୍ରକାଶ ଦେବତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନୁରୂପ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମହିମୁଣ୍ଡାରେ ଅଶୋକ ଖଟୁଆଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଅରୁଣ ଖୁଆସ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ପଞ୍ଚାୟତରେ ବିଜେଡିର ଶଙ୍ଖ ଜନସମ୍ପର୍କ ଯାତ୍ରା





**ତୁରେକେଲା/ତୁଷୁରା, ୭।୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ ଶଙ୍ଖ ଜନସମ୍ପର୍କ ଯାତ୍ରା ଚଟୁଅନକା ପଞ୍ଚାୟତ ବେହେରେନସିଲେଟ, କୁର୍ଲି, ଚଟୁଅନକା ଓ ବୁରୋମାଳ ପଞ୍ଚାୟତର ଡଙ୍ଗାମରା, କୁକୁଡାହାଡ, ଘନାମହୁଲ, ବୁରୋମାଳ ଗାଁରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସୈନିକ ତଥା ଯୁବ ବିଜେଡି ନେତା ଗିରିରାଜ ସିଂ ମାଝୀ, ବିଜେଡି କଣ୍ଟାବାଞ୍ଜି ନଗର ସଭାପତି ଦେବାର ବାରିକ, ଦେବାନନ୍ଦ ବଏ, ବରିଷ୍ଠ ନେତା ଶ୍ରୀଧର ମାଝୀ, ଦୈତାରି ଭୋଇ, ଜଳନ୍ଧର ମାହାନନ୍ଦ, ସତ୍ୟ ମାହାନନ୍ଦ, ବିଟୁ ଶାଘା, କୌଳାଶ ସୁନା, ପ୍ରମୋଦ ମହତ, ମୋହନ ସୁନା, ସୁମନ ମହତ, ଅମୃତ ପୁଟେଲ, ଅନୁର ଜାଲ, ଭିବେ ସୁନା, ବୃନ୍ଦାବନ ମାଝୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଗୁଡଭେଲା ପଞ୍ଚାୟତର ଡୁଙ୍ଗିବାହାଲ ଏବଂ ଗୁଡଭେଲା ଗ୍ରାମରେ ବୁଧବାର ଯୁବ ବିଜେଡି ନେତା ଜ୍ୟୋତି ମହାପାତ୍ର ଏବଂ ଜିଲ୍ଲା ପରିଷଦ ସଭ୍ୟ ରାମନିବାସ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜନହିତକର ପଦକ୍ଷେପ ଏବଂ ସୁଶାସନ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ସ୍ଥାନୀୟ ସମିତିସଭ୍ୟା ପ୍ରମିଳା ରଣା, ଯୁବନେତା ବିକାଶ ଶର୍ମା, ଗୌର ରଣାଙ୍କ ସହ ଶହ ଶହ ସଂଖ୍ୟାରେ ଅଞ୍ଚଳର ବିଜେଡି ପୁରୁଷ ମହିଳା କର୍ମୀ ଉପସ୍ଥିତ ଥିଲେ।

# କେବେ ମିଳିବ ହରିଶ୍ଚନ୍ଦ୍ର ସହାୟତା ?

**ତୁରେକେଲା, ୭।୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ବେହେରେନସିଲେଟ ଗାଁରେ ବିଧବା ମହିଳାଙ୍କୁ ହରିଶଚନ୍ଦ୍ର ଯୋଜନା ସହାୟତା ମିଳି ପାରିନାହିଁ। କିଆ ସୁନାଙ୍କ ସ୍ୱାମୀ ଯୁଗେଶ୍ୱର ଏକ ମାସରୁ ଅଧିକ ସମୟ ହେଲା ଆର ପାରିକୁ ଚାଲି ଯାଇଛନ୍ତି। ରାଜ୍ୟ ସରକାରଙ୍କ ଯୋଜନା ଅନୁସାରେ, ତାଙ୍କ ପରିବାରକୁ ତୁରନ୍ତ ୩ ହଜାର ଟଙ୍କା ଶୁଦ୍ଧିକ୍ରିୟା ସହାୟତା ପଞ୍ଚାୟତ ପକ୍ଷରୁ ମିଳିବା କଥା; କିନ୍ତୁ ତାହା ଉକ୍ତ ମହିଳାଙ୍କୁ ମିଳିପାରି ନାହିଁ। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ହେଁ କେବଳ ଟଙ୍କା ମିଳିଯିବା ପ୍ରତିଶ୍ରୁତି ବ୍ୟତୀତ ଟଙ୍କା ମିଳୁ ନଥିବା ଜଣାପଡ଼ିଛି। ଏନେଇ ଚଟୁଅନକା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରି ନଥିବା ବେଳେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତୁରନ୍ତ ହରିଶଚନ୍ଦ୍ର ଯୋଜନା ସହାୟତା ମୃତକ ପରିବାରଙ୍କୁ ପ୍ରଦାନ କରିବାକୁ ଦାବି ହେଉଛି।

# ଫ୍ରେଣ୍ଡସ କ୍ଲବ୍ ଫୁଟ୍‌ବଲ: ବୀରମହାରାଜପୁର ବିଜୟୀ



**ବଲାଙ୍ଗିର, ୭।୨(ସମିସ):** ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ବଲାଙ୍ଗିର ଫ୍ରେଣ୍ଡ କ୍ଲବ ପକ୍ଷରୁ ଜାତୀୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦ୍ୱିତୀୟ ଦିବସର ଖେଳରେ ବଲାଙ୍ଗିର ୟୁଥ କ୍ଲବ୍‌କୁ ସିସିଏଫଏ ବୀରମହାରାଜପୁର ୪-୨ରେ ଗୋଲରେ ହରାଇ ବିଜୟୀ ହୋଇଛି। ବିଶିଷ୍ଟ କ୍ରୀଡାବିତ ମଧୁସୂଦନ ବାବୁ, ଆନନ୍ଦିନୀ ଦର୍ଜୀ ଓ ପ୍ରଫୁଲ୍ଲ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କ୍ଲବର ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କ୍ରୀଡ଼ାବିତ ସମାଜସେବୀ ଡ. ଶ୍ରୀକର ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରମୋଦ ମିଶ୍ର, ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତୋଫାନ ବାଗ ଓ କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ଏବଂ କୋଷାଧକ୍ଷ ରଂଜିତ ବେହେରା ମଂଚାସୀନ ଥିଲେ। ସୁରେଶ ଦାସ, ଖଲ୍ଲିଉର ରାହେମନ, ସୁଶାନ୍ତ ନାଗ, ନିଶାରକାନ୍ତ ନାଗ ଖେଳକୁ ପରିଚାଳନା କରିଥିବା ବେଳେ ମ୍ୟାଚ କମିସନର ଭାବରେ ସୁନୀଳଚନ୍ଦ୍ର ବିଶ୍ୱାଳ ରହିଥିଲେ। ଜୟନାରାୟଣ ବହିଦାର, ପବିତ୍ର ଖୁଣ୍ଟିଆ, ମଧୁ ବନଛୋର, ଲକ୍ଷ୍ମୀ ସ୍ୱାଇଁ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ ମିଶ୍ର, ମନୋଜ ଦୀପ, ପୃଥ୍ୱୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ପୂର୍ଣ୍ଣ ତ୍ରିପାଠୀ, ଦେବେନ ପାତ୍ର, ବିଭିତି ସ୍ୱାଇଁ, ଶକ୍ତି ଅମାତ, ଟକି ମହାପାତ୍ର, ଟିକୁ ପରିଚ୍ଛା, ନତ୍ୟା ପଧାନ, ଅଙ୍କୁଶ ପାଣ୍ଡିଆ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ଖେଳ ସିସିଏଫଏ ବୀରମହାରାଜପୁର ଓ ଏଥଲେଟିକ ଆସୋସିଏସନ କଦଳୀପାଲି ମଧ୍ୟରେ ଅନୁଷ୍ଠିତ ହେବ। ସଭାକୁ ଶରତ ନନ୍ଦ ପରିଚାଳନା କରିଥିଲେ।

# ସିଲେଟକାନୀ ରୟାଲଷ୍ଟାର ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ



**ଦେଓଗାଁ, ୭।୨ (ସମିସ):** ଦେଓଗାଁ ବ୍ଲକ ବଡବନ୍ଧ ଖେଳ ପଡ଼ିଆଠାରେ ସିଲେଟକାନୀ ୨୦ତମ ରୟାଲଷ୍ଟାର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ସଭାପତି ଶେଷଦେବ ବେହେରାଙ୍କ ନେତୃତ୍ୱରେ ବିଜେଡି ବ୍ଲକ ସଭାପତି ସୁଶୀଳ ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଅଚ୍ୟୁତ ମିଶ୍ର ଯୋଗ ଦେଇଥିଲେ। କୁତୁର୍ଲା ଓ ଅନ୍ତର୍ଲା ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ୨-୦ ଗୋଲରେ କୁତୁର୍ଲା, ହାତୀସରା ଓ ରାଏପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚରେ ହାତୀସରା ବିଜୟୀ ହୋଇଛି। ଖେଳକୁ ଶଶି ବେହେରା ପରିଚାଳନା କରୁଥିବାବେଳେ ସୁଦାମ ଦୀପ ଓ ସୁକାନ୍ତ ପଟେଲ ଲାଇନମ୍ୟାନ ଥିଲେ। କମିଟି ସମ୍ପାଦକ ପ୍ରଭାସ ବେହେରା, ବିନୋଦ ନାଗ, ପ୍ରଦୀପ ବଗର୍ତ୍ତି, ରିଙ୍କୁ ବେହେରା, ଭଗବାନ ବେହେରା, ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

### ଓଡ଼ିଆ ଭାଷା ସାହିତ୍ୟ ଉତ୍ସବ ଉଦ୍‌ଯାପିତ

# ପୁସ୍ତକ ପଠନ ଏକ ତପସ୍ୟା

**ଦେଓଗାଁ/ବଲାଙ୍ଗିର/ତୁରେକେଲା, ୭।୨ (ସମିସ)**

ପୁସ୍ତକ ପଠନ ଏକ ତପସ୍ୟା। ଏହାର ବିକଳ୍ପ ନାହିଁ। ଏ ମତ ପ୍ରକାଶ ପାଇଛି କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟରେ ଆୟୋଜିତ ନୂଆ ଓ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ। ଯୁକ୍ତ ୩ ନୋଡାଲ ଅଫିସର ଡ ସଞ୍ଜୟ ମିଶ୍ରଙ୍କ ଆବାହନରେ ଆୟୋଜିତ ଏ ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ମେହେର। ଡାକ୍ତର ତଥା ବିଶିଷ୍ଟ ଗାଳ୍ପିକା ମଞ୍ଜୁବାଳା ପଣ୍ଡା ମୁଖ୍ୟଅତିଥି, ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଲୋହିତାକ୍ଷ୍ୟ ଯୋଶୀ ଓ ଯୁକ୍ତ ଦୁଇ ନୋଡାଲ ଅଫିସର ପ୍ରଭାସିନୀ ରାଉତ ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁନିତା ଶବର ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଡ ପଣ୍ଡା ଛାତ୍ରଛାତ୍ରୀଙ୍କୁ ମୋବାଇଲରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ଆଚାର୍ଯ୍ୟ ପୁସ୍ତକ ପଠନ ଓ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ମନୀଷ ମହାନ୍ତି, ଯତୀନ ଦ୍ୱାରି, ସୂର୍ଯ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱ ଏବଂ ଓଡିଆ ଅଧ୍ୟାପକ ସରୋଜ ମହାନ୍ତିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପରିଚାଳନା ପରିଷଦ ସଭାପତି ବଳଦେବ ମାଝୀ, ମୁଖ୍ୟବକ୍ତା ଡ. ଦୋଳଗୋବିନ୍ଦ ବିଶି, ସମ୍ମାନିତ ଅତିଥି ବଲାଙ୍ଗିର ମହିଳା କଲେଜ ଅଧ୍ୟାପକ ରତିକାନ୍ତ ନାୟକ, ଜରାସିଂହା ଯୁକ୍ତ ଦୁଇ କଲେଜର ଅଧ୍ୟାପକ ଦୁର୍ବାଦଳ ଘିଭେଲା ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଭାଷା ସାହିତ୍ୟ ବିଭାଗୀୟ ସନତ ରଥ ନୋଡାଲ ଅଧିକାରୀ ଦାୟିତ୍ୱ ତୁଲାଇଥିବାବେଳେ ରାଜନୈତିକ ବିଜ୍ଞାନ ଅଧ୍ୟାପକ ମହେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଏକ ଆଲୋଚନାଚକ୍ର ହେବାସହ କଲେଜର ଛାତ୍ରୀମାନେ ପ୍ରବନ୍ଧ ପଠନ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।









ସାହାଜାହାଲ ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରେମଧାର ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ଭୋଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ବାଳଗୋବିନ୍ଦ ନନ୍ଦ ତଥା ଅଧ୍ୟାପକ କବିରାଜ ଭୋଇ, ପୂର୍ବତନ ଅଧ୍ୟାପକ ଲଳିତ ବହିଦାର, ବ୍ରାହ୍ମଣୀଯୋର ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଚଳଚ୍ଚିତ୍ର ଅଭିନେତା ରତନ ମେହେର ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅଧ୍ୟକ୍ଷ ରାଜେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ପ୍ରଦୀପ୍ତ ବଲ୍ଲଭ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ପୁରସ୍କାର ବିତରଣ ପରିଚାଳନା କରିଥିଲେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଯୁଧିଷ୍ଠିର ପ୍ରଧାନ। ଏହି ଅବସରରେ ଓଡିଆ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷା ଅଧ୍ୟାପକ ଚନ୍ଦ୍ରଭାନୁ ମିର୍ଧା, ଇତିହାସ ଅଧ୍ୟାପିକା ଶାଶ୍ୱତୀ ଦେହୁରୀ, ରାଜନୀତି ବିଜ୍ଞାନ ଅଧ୍ୟାପିକା ବର୍ଷା ପଟେଲ, ସହକାରୀ ଗ୍ରନ୍ଥାଗାରିକ ପ୍ରୀତମ ପଣ୍ଡା, କ୍ରୀଡା ଅଧ୍ୟାପକ ରଘୁନାଥ ଭୋଇ, ରମାଇ ସିଂ, ନିମାଇଁ ରଣା ପ୍ରମୁଖ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଇଂରାଜୀ ଅଧ୍ୟାପିକା ଜସ୍ମିନ ନନ୍ଦ। ପରେ ଜଗନ୍ନାଥ ସଂସ୍କୃତି ସଂପର୍କରେ ଏକ ବୃତ୍ତଚିତ୍ର ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶନ କରାଯାଇଥିଲା।

# ଭାରତୀୟ ଶିକ୍ଷଣ ମଣ୍ଡଳ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ

**ବଲାଙ୍ଗିର, ୭।୨(ସମିସ):** ଭାରତୀୟ ଶିକ୍ଷଣ ମଣ୍ଡଳ ବଲାଙ୍ଗିର ଶାଖା ତରଫରୁ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ବରିଷ୍ଠ ସଦସ୍ୟ ଡ. ଅଭିମନ୍ୟୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷଣ ମଣ୍ଡଳର ଦିବଂଗତ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ଡା. ପ୍ରିୟବ୍ରତ ରଥ ଏବଂ ଡା. ରାଧାକାନ୍ତ ମିଶ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସଦସ୍ୟ ଧର୍ମବ୍ରତ ରଥ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ଦୁଇ ମିନିଟ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ପଶ୍ଚିମ ପ୍ରାନ୍ତର ଉପସଭାପତି ପ୍ରଫେସର ତରୁଣ ମିଶ୍ର ଶିକ୍ଷଣ ମଣ୍ଡଳରେ ସ୍ୱର୍ଗତ ସଦସ୍ୟଦ୍ୱୟଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ମନୋରଞ୍ଜନ ସାହୁ, ସତ୍ୟବ୍ରତ ରଥ, ପ୍ରସନ୍ନ ମିଶ୍ର, ଡ. ଭବାନି ଶଙ୍କର ପଟେଲ, ଦିବାକର ହୋତା ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ସଦସ୍ୟ ଯତିନ୍ଦ୍ରନାଥ ପାଠୀ, ଅଶୋକ ଚାନ୍ଦ, କେଶବ ପଟେଲ, ମାଳତି ଉଦ୍‌ଗାତା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସତ୍ୟବ୍ରତ ବେହେରା, କୃଷ୍ଣଚନ୍ଦ୍ର ମହାକୁର, ଜୀବନ ତ୍ରିପାଠୀ, ଯୁଧିଷ୍ଠିର ମିଶ୍ର, ହୃଷୀକେଶ ପୁରୋହିତ, ଗୁରୁନାଥ ବ୍ରହ୍ମା, ପ୍ରକାଶ ତରିଆ, ପୂର୍ଣ୍ଣଚନ୍ଦ୍ର ଦାଶ, ହରେକୃଷ୍ଣ ପଟେଲ, ଶୁଭ୍ରପ୍ରକାଶ ରଥ ଅଂଶଗ୍ରହଣ କରିଥିଲେ। ସଦସ୍ୟ ବିଭୁଦତ୍ତ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

● ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଘାଟିତ

# 'ସମସ୍ତଙ୍କ ସହଯୋଗରେ ଅଞ୍ଚଳର ବିକାଶ ସମ୍ଭବ'




**ବୌଦ୍ଧ, ୭ ।୨(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣି ହାଇସ୍କୁଲ ଖେଳ ପଡ଼ିଆରେ ତୃତୀୟ ବାଉଁଶୁଣି ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ରଚରଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ, ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣି ସମ୍ପାଦକ ସୁଧୀର ମହାକୁଡ, ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ସାହୁ, ଗୁନ୍ଦଲିଆ ସରପଞ୍ଚ ଧବଳେଶ୍ୱର ସିଂ ଯୋଗ ଦେଇଥିଲେ । ସମସ୍ତେ ସହଯୋଗ କଲେ ଅଞ୍ଚଳର ବିକାଶରେ କେହି ବାଧା ସୃଷ୍ଟି କରିବେ ନାହିଁ। 'ସମସ୍ତେ ସହଯୋଗରେ ଅଞ୍ଚଳର ବିକାଶ ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସାଂସ୍କୃତିକ ପରିଷଦର ଉପ ସଭାପତି ମନୋଜ ଗାଇଗୈରିଆ ସଭାପତିତ୍ୱ କରିଥିବା ବେଳେ ପରିଷଦର ସଭ୍ୟ ଚକ୍ରଧର ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ମିଶନ ପବ୍ଲିକ ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭା ପରେ ଢେଙ୍କାନାଳର ଲାଉଡି ନୃତ୍ୟ, ବଲାଙ୍ଗୀର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଦୁଲଫୁଲ କଳା ପରିଷଦ ଦ୍ୱାରା ଭାଇ ଯୁଇନ୍ତିଆ, ଗଜରାଜପୁରର ଦଣ୍ଡନାଚ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାଉଁଶୁଣି ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ମହୋତ୍ସବ ଆୟୋଜନ ହେଉଥିବା ବେଳେ ଅଞ୍ଚଳବାସୀ ସହଯୋଗ କରୁଛନ୍ତି ।

# ସମସ୍ୟା ଭିତରେ ଛତ୍ର କାରିଗର

ସୋନପୁର, ୭।୨(ସମିସ)



ତନ୍ତ ଶିଳ୍ପ କ୍ଷେତ୍ରରେ ଯେଉଁ ଭଳି ସୋନପୁରର ପ୍ରସିଦ୍ଧି ରହିଛି ସେହିପରି ଛତ୍ର କାରିଗରୀରେ ମଧ୍ୟ ସୋନପୁରର ସ୍ୱତନ୍ତ୍ରତା ରହିଛି। ଏଠିକାର ଛତ୍ର କାରିଗରଙ୍କ ତିଆରି ଶୈଳୀ ଖୁବ୍ ନିଆରା । ଅନ୍ୟ ସହରରେ ସାଧାରଣତଃ ଛତ୍ର ତିଆରି ପାଇଁ ରଙ୍ଗ ବେରଙ୍ଗର କପଡ଼ା ଏବଂ ସୂତା ବ୍ୟବହାର ହେଉଥିବା ବେଳେ ସୋନପୁରରେ ରଥଯାତ୍ରା ବ୍ୟତୀତ ଅନ୍ୟ ସମୟରେ କେବଳ ଧଳା, କଳା ଓ ନାଲି ରଙ୍ଗର କପଡ଼ା ବ୍ୟବହାର କରି ଛତ୍ର ତିଆରି କରାଯାଏ । ସୋନପୁରର ପ୍ରସିଦ୍ଧ ବଳିଯାତ୍ରା ସମୟରେ ଛତ୍ରର ପମୁଖ ଭୂମିକା ରହିଛି । ସୋନପୁରରେ ବିଭିନ୍ନ ଦେବା ଦେବୀ ପୀଠ ଲାଗି ସ୍ୱତନ୍ତ୍ର ଛତ୍ର ତିଆରି ପାଇଁ ପାରମ୍ପରିକ ଛତ୍ର କାରିଗର ଅଛନ୍ତି । ତେବେ ଏମାନଙ୍କ କୌଳିକ ବୃତ୍ତି ହେଲା ଛତ୍ର ତଥା ଚାନ୍ଦୁଆ ତିଆରି କରିବା । ପୂର୍ବରୁ ଛତ୍ର ତିଆରି ପାଇଁ ଲୋକେ ଏତେ ସଂଖ୍ୟାରେ ଅଗ୍ରୀମ ପାଉଣା ଦେଉଥିଲେ ଯେ ଏମାନଙ୍କ ହାତରେ ସମୟ ନ ଥିଲା; କିନ୍ତୁ ଏବେ କେବଳ ସୋନପୁରର ପୂଜା ପାର୍ବଣ ପାଇଁ ଛତ୍ର ତିଆରି କରୁଛନ୍ତି । ତେବେ ଛତ୍ରର ବିକ୍ରିବଟା ପାଇଁ କୌଣସି ବଜାର ବ୍ୟବସ୍ଥା ନାହିଁ। ହାତରେ ଛତ୍ର ତିଆରି କରିବାରେ ଖୁବ୍ ପରିଶ୍ରମ କରିବାକୁ ପଡେ । ତେଣୁ ଫ୍ୟାନ୍ସି ଛତ୍ରଠାରୁ ଏହାର ଦାମ୍ ମଧ୍ୟ ଅଧିକ । ଏଥିପାଇଁ ଏମାନଙ୍କ ବ୍ୟବସାୟ ମଧ୍ୟ ମାନ୍ଦା ହୋଇ ଯାଇଛି । ସ୍ୱଚେଷ୍ଟାରେ ଆଜି ଯାଏଁ ନିଜ ଘରେ ଦୋକାନ ଖୋଲି ନିଜର କୌଳିକ ବୃତ୍ତିକୁ କିଛି ଛତ୍ର କାରିଗର ବଞ୍ଚାଇ ରଖିଛନ୍ତି । ତେବେ ଖୁବ୍ ଆର୍ଥିକ ମାନ୍ଦାବସ୍ଥା ଭିତରେ ସୋନପୁରର ଛତ୍ର କାରିଗରମାନେ ଗତି କରୁଛନ୍ତି । ସୋନପୁର ବଳି ଯାତ୍ରା ପାଇଁ ଛତ୍ର ଏବଂ ରଥଯାତ୍ରାର ଛତ୍ର, ଚାନ୍ଦୁଆ, ଆଲଟ, ଚାମର ଆଦି ଏମାନେ ଯୋଗାଇ ଥାନ୍ତି । କାଳକ୍ରମେ ଏହି ସେବା କାର୍ଯ୍ୟରେ କେବଳ ସୀମିତି ହୋଇ ଗଲାଣି ଏମାନଙ୍କ କୌଳିକ ବୃତ୍ତି । ସୋନପୁର ସହରରେ ମାଣିକେଶ୍ୱରୀ ମନ୍ଦିର ନିକଟରେ ଏକ ଛତ୍ର ଦୋକାନ ରହିଛି; ହେଲେ ବିକ୍ରି ବଟା ହେଉନାହିଁ।

ସୋନପୁରର ବିଶିଷ୍ଟ ଛତ୍ର କାରିଗର ଅଶୋକ ଦର୍ଜୀଙ୍କ କହିବାନୁସାରେ ୬ ଶହ ଟଙ୍କାରୁ ୬୦ ହଜାର ଟଙ୍କାର ଛତ୍ର ସେମାନେ ତିଆରି କରନ୍ତି । ବଳି ଯାତ୍ରାର ପ୍ରସିଦ୍ଧ କଳା ଧଳା ଛତ୍ର ପୁରୁଣା ହୋଇଯିବାରୁ ୨୦ ବର୍ଷ ପୂର୍ବେ ତିଆରି ହୋଇଥିଲା । ସେହି ସମୟରେ ଗୋଟିଏ ଛତ୍ର ପିଛା ୬୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ଛତ୍ରର କପଡ଼ା ଯୋଡେଇ ହୁଏ ନାହିଁ । ଗୋଟିଏ କପଡ଼ାରେ ତିଆରି ହୁଏ । ସେତେବେଳେ ରାୟପୁରକୁ କପଡ଼ା କିଣା ହୋଇଥିଲା । ଛତ୍ର ତିଆରି ବେଳେ ସମ୍ପୂର୍ଣ୍ଣ ନିଷ୍ଠା ସହକାରେ କାମ କରିବାକୁ ପଡେ । ସ୍ୱତନ୍ତ୍ର ଛତ୍ର ତିଆରି ବେଳେ କାହା ସହ କଥା ହେବା ମଧ୍ୟ ମନା । ଏଥିରେ ଲାଗୁଥିବା କାଠିକୁ ବିଭିନ୍ନ ଦେବା ଦେବୀ ବୋଲି ଚିନ୍ତା କରାଯାଇଥାଏ । ସପରେ ଶୋଇ ଅରୁଆ ଅନ୍ନ ଖାଇ ଛତ୍ର ତିଆରି କରିବାକୁ ପଡ଼େ । ଗୋଟିଏ ଦିନର କାମ ସରିଲେ ଅନ୍ନ ସ୍ପର୍ଶ କରାଯାଏ । ଏତେ ପରିଶ୍ରମ କରି ଛତ୍ର ତିଆରି କରୁଥିଲେ ସୁଦ୍ଧା ଛତ୍ର କାରିଗରଙ୍କୁ ପ୍ରକୃତ ମୂଲ୍ୟ ମିଳି ପାରୁନାହିଁ ବୋଲି ତାଙ୍କର କ୍ଷୋଭ । ସୋନପୁରରେ ଛତ୍ର ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ଆବଶ୍ୟକ । ଏହାର ବିକ୍ରି ବ୍ୟବସ୍ଥା ହୋଇ ପାରିଲେ ଦେଶ ବିଦେଶରେ ଏହାର ପ୍ରଚାର ପ୍ରସାର ହୋଇ ପାରନ୍ତା ବୋଲି ସେ କହନ୍ତି ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ



**ସୋନପୁର, ୭ ।୨(ସମିସ):** ସ୍ଥାନୀୟ ଟାଉନ ହଲରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ରାଶି ବଣ୍ଟନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସୋନପୁର ପୌର ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ୧୬୪୪ ଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ପ୍ରାୟ ୮ କୋଟି ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିଲା । ୩୫୬ ଜଣ ଲାଭାର୍ଥିଙ୍କୁ ଶିକ୍ଷା ସହାୟତା, ୯୪୮ ଜଣଙ୍କୁ ବିବାହ କାଳୀନ ସହାୟତା, ୭୫ ଜଣଙ୍କୁ ପ୍ରସୂତୀ କାଳୀନ ସହାୟତା ଓ ୧୫୩ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା କହିଛନ୍ତି ।

## ସେବା ମହୋତ୍ସବ ଉଦ୍‌ଘାଟିତ



**ହରଭଙ୍ଗା, ୭ ।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ଜଗନ୍ନାଥ ମନ୍ଦିର ପଡ଼ିଆରେ ହରଭଙ୍ଗା ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ ପକ୍ଷରୁ ୨ ଦିନିଆ ସେବା ମହୋତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଖଣ୍ଡଗିରିରୁ ଆସିଥିବା ସାଧୁସନ୍ଥଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା । ଇଷ୍ଟ ଦେବୀ ମା' ଭୈରବୀଙ୍କ ନିକଟରୁ ଜ୍ୟୋତି ଓ ଆଜ୍ଞାମାଳ ଆସିଥିଲା । ତହସିଲ କାର୍ଯ୍ୟାଳୟ ନିକଟରୁ ବିରାଟ ପଟୁଆରରେ ଶୋଭାଯାତ୍ରା ମହୋତ୍ସବ ପଡ଼ିଆ ନିକଟକୁ ଆସିଥିଲା । ଉଦ୍‌ଘାଟନୀ ସଭାରେ ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ, ସୁବୋଧ ପ୍ରଧାନ, ସୁମନ ଷଡଙ୍ଗୀ, ଚିତ୍ତ ସିଂ, ବନମାଳୀ ପ୍ରଧାନ, ଭାଗବତ ମେହେର, ବିଭୁଦତ୍ତ ବୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ସାଧୁ ମେହେରଙ୍କ ସ୍ମୃତିଚାରଣ



**ମନମୁଣ୍ଡା, ୭ ।୨(ସମିସ):** ସ୍ଥାନୀୟ ବସନ୍ତ ସୋସିଆଲ ଫାଉଣ୍ଡେସନ କାର୍ଯ୍ୟାଳୟରେ ସାଧୁ ମେହେରଙ୍କ ଏକ ସ୍ମୃତିସଭା ଆୟୋଜିତ ହୋଇଯାଇଛି । ସୁବେଦାର ଲଳିତ ସାହୁ, ଶିକ୍ଷକ ରଞ୍ଜୁ ଅମାତ, ସାମ୍ବାଦିକ ଭାର୍ଜନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତୋଷ ସାହୁ, ପ୍ରଜିନା ପାଢ଼ୀ, ବଲ୍ଲଭ ସାହୁ, ବାବୁଲା ମହାକୁଡ, ରାଧେଶ୍ୟାମ ସାହୁ, ଦୀପକ ମିଶ୍ର, ଆନନ୍ଦ ପରମଗୁରୁ, ହୃଷୀକେଶ ସିଂ, ପରମେଶ୍ୱର ମେହେର, ରାଜୀବ ନାୟକ, ଛନ୍ଦାଚରଣ ମେହେର, ପଙ୍କଜ ମେହେର, ତରଣି ମେହେର, ସୁଦାମ ମେହେର, ଅନ୍ତର୍ଯ୍ୟାମୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବସନ୍ତ ସୋସିଆଲ ଫାଉଣ୍ଡେସନ (ନୂଆଦିଲ୍ଲୀ) ଏବଂ ଆଜାଦ କ୍ଲବ୍, ମନମୁଣ୍ଡା ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଆଜାଦ କ୍ଲବ୍‌ର ସମ୍ପାଦକ ବିଜୟ ତ୍ରିପାଠୀ ଏବଂ ବସନ୍ତ ସୋସିଆଲ ଫାଉଣ୍ଡେସନ ତରଫରୁ ବୈଦ୍ୟନାଥ ହୋତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଜ୍ୟୋତିରଞ୍ଜନ ବହିଦାର ସଭାପତିତ୍ୱ କରିଥିଲେ ।

## ସୋମବାର ପୁରୀ-ସୋନପୁର ଟ୍ରେନ୍ ଚଳାଚଳ ଦାବି

**ସୋନପୁର, ୭।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ରେଳ ମାନଚିତ୍ରରେ ଯୋଡି ହୋଇଛି । ଉତ୍ସାହ, ଉଦ୍ଦୀପନା ମଧ୍ୟରେ ଗତ ୩ ତାରିଖରେ ସୋନପୁର-ପୁରୀ ରେଳର ଶୁଭାରମ୍ଭ ହୋଇଛି । ତେବେ ଏହି ସାପ୍ତାହିକ ଏକ୍ସପ୍ରେସ୍‌ଟି ୯ ତାରିଖ ଶୁକ୍ରବାରଠାରୁ ଯାତ୍ରୀଙ୍କୁ ନେଇ ସୋନପୁରରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ । ୮ ତାରିଖ ଗୁରୁବାର ଏହି ସାପ୍ତାହିକ ଟ୍ରେନ ପୁରୀରୁ ସୋନପୁର ଆସି ଶୁକ୍ରବାର ପୁଣି ପୁରୀ ଫେରିବ । ତେବେ ପ୍ରଥମ ଟ୍ରେନ୍‌ରେ ଯାତ୍ରା ପାଇଁ ସ୍ଥାନୀୟ ଲୋକଙ୍କ ଭିତରେ ସ୍ୱତନ୍ତ୍ର ଆଗ୍ରହ ବାରି ହୋଇ ଯାଉଛି । ଶୁକ୍ରବାର ସୋନପୁରରୁ ପୁରୀ ଯିବା ପାଇଁ ବହୁ ସଂଖ୍ୟାରେ ଯାତ୍ରୀ ଅଗ୍ରୀମ ଟିକଟ କିଣିଲେଣି । ତେବେ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ପାତାଳୀ ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରରୁ ଶ୍ରୀକ୍ଷେତ୍ର ପୁରୀକୁ ଟ୍ରେନ୍ ଯୋଗେ ଯାତ୍ରା କରି ଲୋକେ କ'ଣ ସୋନପୁରକୁ ବସ୍‌ରେ ଫେରିବେ? କାରଣ ସୋନପୁର-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ଟି ଏକ ସାପ୍ତାହିକ ଟ୍ରେନ୍ । ଶନିବାର ଏହା ପୁରୀରେ ପହଞ୍ଚିବା ପରେ ପୁଣି ଗୁରୁବାର ସୋନପୁର ଆସିବ । ଏହା ସାପ୍ତାହିକ ଟ୍ରେନ୍ ହୋଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ କାଳିଆଙ୍କ ଦର୍ଶନ ସାରି ସୋନପୁର ଫେରିବା ପାଇଁ ସମସ୍ୟା ଦେଖା ଦେବ । ତେଣୁ ଗୁରୁବାର ବଦଳରେ ଏହି ଟ୍ରେନ୍ ସୋମବାର ପୁରୀରୁ ସୋନପୁର ଅଭିମୁଖେ ଚଳାଇବା ପାଇଁ ଦାବି ହୋଇଛି । ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ରେଳ ମନ୍ତ୍ରାଳୟ ନିଶ୍ଚୟ ଗ୍ରହଣ କରିବ ବୋଲି ରେଳ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ଗୋବିନ୍ଦ ମହାରଣା କହିଛନ୍ତି ।

## ବାନ୍ଧନଝୁଲି ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ମନମୁଣ୍ଡା, ୭ ।୨(ସମିସ):** କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ଅଧୀନ ବାନ୍ଧନଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଝୁନୁ ପ୍ରଧାନ, ଯୋଗିନ୍ଦ୍ରପୁର ସିଆରସିସି ପ୍ରକାଶଚନ୍ଦ୍ର ପୁରୋହିତ, ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ସାହାଣୀ, ଗୁଡଭେଲୀପଦର୍ ସିଆରସିସି ବିଭୀଷଣ ହୋତା, ଶ୍ୟାମଶଙ୍କର ଗରିଆ, ବାସନ୍ତୀ ବାଘ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସିନିୟର୍ ବାଳିକା ଓ ବାଳକ ବିଭାଗରେ ସ୍ୱପ୍ନା ବାଘ, ବାବୁଲ କାଳସା, ଜୁନିଅରରେ ଲକ୍ଷ୍ମୀ ମେହେର, ଶେଖର ମେହେର ଏବଂ ସବ ଜୁନିଅରରେ ଡଲି କାଳସା, ନିରୋଜ ମେହେର ଚାମ୍ପିଅନ ହୋଇଥିଲେ । କ୍ରୀଡା ସହିତ ବିଜ୍ଞାନ ପ୍ରକଳ୍ପରେ କୃତିତ୍ୱ ହାସଲ କରିଥିବା ଶିଳା ମେହେର, ସିମ୍ରନ ମେହେର, ଚନ୍ଦ୍ରଶେଖର ଧରେଇଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷକ ସୀତାରାମ ହରିପାଲଙ୍କ ତତ୍ତ୍ୱାବଧାନ ଏବଂ ଶିକ୍ଷକ ପ୍ରତାପ ସାହୁ, ଟଙ୍କଧର ପ୍ରଧାନ, ସୁଶାନ୍ତ ମିଶ୍ର, ଶିକ୍ଷୟତ୍ରୀ ଆଲାଦିନି ନାଏକ, ଝିଲି ବାଘଙ୍କ ସହଯୋଗ ଓ ପରିଚାଳନାରେ କ୍ରୀଡା ଅନୁଷ୍ଠିତ ହୋଇଥିଲା ।

## ମନ୍ଦିର ଲୁଟେରାଙ୍କ ଟେର୍ ପାଉନି ପୁଲିସ

**ବୌଦ୍ଧ, ୭।୨(ସମିସ):** ବୌଦ୍ଧ ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ମନ୍ଦିରକୁ ଲୁଟେରା ଟାର୍ଗେଟ କରି ଲୁଟ୍ କରଛନ୍ତି । ପୁଲିସ କିନ୍ତୁ ଲୁଟେରାଙ୍କ ଟେର୍ ପାଉନି । ନିକଟରେ ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ମନ୍ଦିର ତାଲା ଭାଙ୍ଗି ଦାନ ବାକ୍ସରୁ ଚୋରି ହୋଇଛି ।

ସକାଳୁ ମନ୍ଦିର ପୂଜାରୀ ପୂଜା କରିବାକୁ ଗଲାବେଳେ ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଭିତରକୁ ଯାଇ ହୁଣ୍ଡି ଭଙ୍ଗା ଯାଇଥିବା ଦେଖିଥିଲେ । ହୁଣ୍ଡିରେ ଭକ୍ତ ଦାନ ଦେଇଥିବା ଟଙ୍କା, ସୁନା, ରୂପା ଏବଂ ଅନ୍ୟାନ୍ୟ ଜିନିଷ ନେଇ ଫେରାର ମାରିଥଲେ । ମନ୍ଦିର କମିଟି ପକ୍ଷରୁ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି । ସେହି ରାତିରେ ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଠିଡ଼ିକାଜୋରସ୍ଥିତ ଜଗନ୍ନାଥ ମନ୍ଦିରରୁ ତାଲା ଭାଙ୍ଗି ଦାନ ବାକ୍ସ ଚୋରି ହୋଇଥିବା ପୁରୁଣାକଟକ ଥାନାରେ ଅଭିଯୋଗ ହୋଇଛି । ଜାନୁଆରୀ ୧୮ ତାରିଖ ରାତିରେ ସ୍ଥାନୀୟ ଚନ୍ଦ୍ରଚୂଡ଼ ମନ୍ଦିର ଦାନ ବାକ୍ସ ଭାଙ୍ଗି ମଧ୍ୟ ଚୋରି ହୋଇଛି । ଗତ ୨୮ ତାରିଖରେ ମହାନଦୀ ଗର୍ଭରେ ଥିବା ବୌଦ୍ଧର ପ୍ରସିଦ୍ଧ ସିଦ୍ଧ ହନୁମାନ ମନ୍ଦିରରୁ ମୂଲ୍ୟବାନ ଆଭୂଷଣ ଚୋରି ହୋଇଥିବା ନେଇ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା ।

ସେହିପରି ନିକଟ ଅତୀତରେ ବୌଦ୍ଧ ଗାୟତ୍ରୀ ମନ୍ଦିର, ଜଳେଶ୍ୱର ମନ୍ଦିର, ବୌଦ୍ଧ ସହର ନିକଟସ୍ଥ ବଘାରପାଲି ମନ୍ଦିର, ହରେକୃଷ୍ଣପୁରସ୍ଥିତ ୨ଟି ମନ୍ଦିରରୁ ମଧ୍ୟ ଚୋରି ହୋଇଛି । ମନ୍ଦିରଗୁଡ଼ିକୁ ଟାର୍ଗେଟ କରି ବାରମ୍ବାର ଚୋରି କରାଯାଉଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି ହେଉଛି । ମନ୍ଦିର ଗୁଡିକରେ ସୁରକ୍ଷା ବ୍ୟବସ୍ଥା ଆଦୌ ନ ଥିବା ସ୍ଥଳେ ଅନେକ ମନ୍ଦିରରେ ପାଚେରି ମଧ୍ୟ ନାହିଁ । ତେବେ ମନ୍ଦିରକୁ ଟାର୍ଗେଟ କରି ଚୋରି ହେଉଥିବାରୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବୌଦ୍ଧ ବ୍ରାହ୍ମଣ ସମାଜ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି । ଏସବୁ ଘଟଣାରେ ମନ୍ଦିର କମିଟି ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ସମସ୍ତ କେସ୍‌ରେ ଚୋରଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି ।

## ଘଣ୍ଟାପଡ଼ା ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**କଣ୍ଟାମାଳ/ଶଗଡ଼ା, ୭ ।୨(ସମିସ):** କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧୁ ମହାରାଜ ପ୍ରଭାକର ଦାସ, ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା ସମିତି ସଭାପତି ଅଗସ୍ତି ମଲିକ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସମ୍ପାଦକ ରଣଜିତ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁମା ପ୍ରଭାସିନୀ ଜାଲ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷାବିତ ନୀଳାଚଳ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକେଶ୍ୱର ବେହେରା, ସନ୍ତୋଷ ବିଶି, ସୁଶାନ୍ତ ମାଝୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନ୍ଦରଧର ବେହେରା, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ଘଣ୍ଟାପଡ଼ା ପାକ୍ସ ସଭାପତି ମାନୁ ରଣା, ପ୍ରତାପ ରଣା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀ, ସାମ୍ବାଦିକ ବଂଶୀଧର ମାଝୀ ଓ ବଳରାମ ବାଘ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ସୋନପୁର, ୭ ।୨(ସମିସ):** ସୋନପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ଇନ୍ଦ୍ରମଣି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଡ. ଜ୍ୟୋତି ରଞ୍ଜନ ବହିଦାର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ ।

ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ମୁଖ୍ୟବକ୍ତା ଭାବେ ମଦନ ମୋହନ ଦାନୀ ଯୋଗ ଦେଇଥିବା ବେଳେ ପରିଚାଳନା କମିଟି ସମ୍ପାଦକ ହରି ନାରାୟଣ ତ୍ରୀପାଠୀ ସମ୍ପାଦକୀୟ ଅଭିଭାଷଣ ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ସ୍କୁଲ୍ ଅଧ୍ୟକ୍ଷ ପତିତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲକ୍ଷ୍ମଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



■ ରାଜ୍ୟସ୍ତରୀୟ ବରଗୋଛା ସରମଣ୍ଡା କ୍ରିକେଟ କପ୍

# ଭୁବନେଶ୍ୱର-ଅନୁଗୋଳ ଫାଇନାଲ

ମନମୁଣ୍ଡା, ୭ ।୨(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛାରେ ଚାଲିଥିବା ୧୭ତମ ରାଜ୍ୟସ୍ତରୀୟ ସରମଣ୍ଡା ଟି-୧୦ କ୍ରିକେଟ କପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ଟାଇଟଲ ପାଇଁ ଭୁବନେଶ୍ୱର ଓ ଏସ ଏସ ଲୁଟୁ ୱାରିଅର୍ସ ଅନୁଗୁଳ ଗୁରୁବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ । ସେମିରେ ଭୁବନେଶ୍ୱର ବଲାଙ୍ଗୀରକୁ ଓ ଅନୁଗୁଳ ବରଗଡ଼କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ।

ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ମଧ୍ୟ ୩ଟି ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚ ଲୁଲୁ ୱରିଅର୍ସ ବାଲେଶ୍ୱର ଏବଂ କମାଣ୍ଡୋ ୧୧ ଭୁବନେଶ୍ୱର ମଧ୍ୟରେ ହୋଇଥିଲା । ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୩୪ ରନ୍ କରିଥିଲାବେଳେ ବାଲେଶ୍ୱର ୮୪ ରନ୍ କରି ପରାସ୍ତ ହୋଇଥିଲା । ଭୁବନେଶ୍ୱର ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍ ଇମେଜ ୧୧ ଭଦ୍ରକ ଏବଂ ସମଲେଶ୍ୱରୀ ଟାଇଗର ବଲାଙ୍ଗୀର ମଧ୍ୟରେ ହୋଇଥିଲା । ଭଦ୍ରକ ଦଳ ୭୪ ରନ୍ କରିଥିଲେ । ବଲାଙ୍ଗୀର ଦଳ ୨ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲକୁ ଯାଇଥିଲା । ଦ୍ୱିତୀୟ ସେମିଫାଇନାଲ ବଲାଙ୍ଗୀର ଏବଂ ଭୁବନେଶ୍ୱର ମଧ୍ୟରେ ହୋଇଥିଲା । ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୧୪ ରନ୍ କରିଥଲା । ତେବେ ଭୁବନେଶ୍ୱର ସମାନ ସଂଖ୍ୟକ ରନ କରି ମ୍ୟାଚ୍‌କୁ ଟାଇ ରଖିଥିଲା । ଉଭୟ ଦଳ ମଧ୍ୟରେ ସୁପର ଓଭର ମ୍ୟାଚ୍ ହୋଇଥିଲା । ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ରନ୍ ସଂଗ୍ରହ କରିଥିଲା । ଜିତିବାକୁ ୧୬ ରନ ଟାର୍ଗେଟରେ ବ୍ୟାଟିଂ କରି ପ୍ରଥମ ଦୁଇଟି ବଲ୍‌ରେ ଦୁଇଟି ୱିକେଟ ହରାଇ ଅର୍ଥାତ୍ ଶୂନ୍ୟ ରନରେ ଅଲ୍ ଆଉଟ୍ ହୋଇ ବଲାଙ୍ଗୀର ପରାଜିତ ହୋଇଥିଲା । ଭୁବନେଶ୍ୱର ଦଳର ଜଗତ ରାମ ଭୋଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।

ପ୍ରକାଶ ଥାଉକି, ମଙ୍ଗଳବାର ପ୍ରଥମ ସେମି ଫାଇନାଲ ଅନୁଗୋଳ ଏବଂ ବରଗଡ଼ ମଧ୍ୟରେ ହୋଇଥିଲା । ସେଥିରେ ଅନୁଗୋଳ ୯ ୱିକେଟରେ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା । ବୁଧବାର ମ୍ୟାଚ୍‌ରେ ଅମ୍ପାୟର ଭାବେ ସୁରେଶ ବିଶି, ସୁବାସ ଭୋଇନା, ସ୍କୋରର୍ ପୂର୍ଣ୍ଣଚନ୍ଦ୍ର ପରଡ଼ିଆ, ଅବିନାଶ ସାହୁ ଦାୟିତ୍ୱ ତୁଲାଇଥିଲେ । ଆଫ୍ରୋଜ ଅଲି ଏବଂ ପାର୍ଥ ସାରଥୀ ଦାସ ଧାରା ବିବରଣୀ ଦେଇଥିଲେ । ସେହିପରି ମ୍ୟାନେଜମେଣ୍ଟରେ ଉଚିତ୍ ଡ଼ାଙ୍ଗ, ବିଶ୍ୱାମିତ୍ର ମହଲା ଏବଂ ସୌମ୍ୟ ମଲ୍ଲିକ ରହିଥିଲେ ।

# କୁହିବାହାଲ ହାଇସ୍କୁଲର ବାର୍ଷିକ ଉତ୍ସବ



**ବିନିକା, ୭ ।୨(ସମିସ):** ବିନିକା ବ୍ଲକ କୁହିବାହାଲ ହାଇସ୍କୁଲରେ ୪୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ସ୍କୁଲର ପ୍ରଧାନଶିକ୍ଷକ ମୁରଲୀଧର ବିଶ୍ୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲର ଅବସରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ତେଜରାଜ ବାଗ, ମୁଖ୍ୟବକ୍ତା ଭାବେ ବାଙ୍କିଘିଡି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୋଜରାଜ ଦୀପ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଧନୁ ପଧାନ, ଖଗେଶ୍ୱର ପଧାନ, ହିରାଲାଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନାଚଗୀତ ଅନୁଷ୍ଠିତ ହୋଇଥିଲା । ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଶିକ୍ଷକ ଡୋଲାମଣି ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଶେଷଦେବ ଛତ୍ର ବାର୍ଷିକ ବିବରଣୀ ପଠନ ଓ ଶିକ୍ଷକ କୁଞ୍ଜବିହାରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସ୍କୁଲର ଭୂଗୋଳ ଶିକ୍ଷକ କୁଞ୍ଜବିହାରି ସାହୁଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

■ କାର୍ ଦୁର୍ଘଣାରେ ଯୁବକଙ୍କ ମୃତ୍ୟୁ

# ଗାଡ଼ି ମାଲିକଙ୍କ ଘରେ ୩୦ ଘଣ୍ଟା ଶବ ରଖି ଧାରଣା

**ଷତିପୂରଣ ମିଳିବା ପରେ ଧାରଣାରୁ ଉଠିଲେ ପରିବାର ଲୋକେ**

**କଳମପୁର, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ କୁଟ୍ରୁ ଛକକୁ ଯିବା ମୁଖ୍ୟ ରାସ୍ତାର ବଡକୁଟ୍ରୁ ହୋମିଓପ୍ୟାଥି ଚିକିତ୍ସାଳୟ ସମ୍ମୁଖରେ ଜଣେ ଯୁବକଙ୍କ କାର୍ ଧକ୍କାରେ ମୃତ୍ୟୁ ଘଟିଛି। ଏହି ଯୁବକ ଜଣକ ହେଲେ ସାନକୁଟ୍ରୁ ଗ୍ରାମର ବଳିଷ୍ଠ କୁମାର। ତେବେ କ୍ଷତିପୂରଣ ଲାଗି ଗାଡ଼ି ମାଲିକଙ୍କ ଘରେ ୩୦ ଘଣ୍ଟା ଶବ ରଖି ତାଙ୍କ ଘର ଲୋକେ ଧାରଣା ଦେଇଥିଲେ। ସେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଓଡ଼ି ୦୮ଆର ୫୮୯୮ ନମ୍ବର ବିଶିଷ୍ଟ ଏକ କାର ଧକ୍କା ଦେବାରୁ ସେ ଚିକିତ୍ସାଳୟ କାନ୍ଥରେ ପିଟି ହୋଇ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବଡ଼କୁଟ୍ରୁ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି ପହଞ୍ଚି ବଳିଷ୍ଠଙ୍କୁ ଉଦ୍ଧାର କରି ତୁରନ୍ତ ଏକ କାର୍ ଯୋଗେ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତି କିନ୍ତୁ ତାଙ୍କୁ ମୃତ ଘୋଷଣା କରିଥିଲେ। କଳମପୁର ଥାନା ଦୁର୍ଘଟଣା ଜନିତ ମାମଲା ରୁଜୁ କରି କାର୍ ଜବତ କରିଛି। ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହୋଇଛି। ପିଇଓ ବିକାଶ ମୋହନ ମାଝି ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି।

**କ୍ରସର ସ୍ଥାପନକୁ ନେଇ ବଢୁଛି ଅସନ୍ତୋଷ**

# ଆନ୍ଦୋଳନ ପାଇଁ ସଜବାଜ

**ଜହ୍ନାପଙ୍କ, ୭ ।୨(ସମିସ)**

ବୌଦ୍ଧ ତହସିଲ ଅନ୍ତର୍ଗତ ପଦ୍ମନପୁର ପଞ୍ଚାୟତ ଦାମୋଦରପୁର ଦୁଇଟାଙ୍ଗରରେ କ୍ରସର ସ୍ଥାପନ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୁଇଟାଙ୍ଗରଠାରେ ଏକ କଂପାନୀ କ୍ରସର ସ୍ଥାପନ କରି ରାତିରେ ଅତ୍ୟଧିକ ବ୍ଲାଷ୍ଟିଙ୍ଗ କରିବା ଯୋଗୁଁ ଦାମୋଦରପୁର, ବନ୍ଧୁସାହି, ବୁଢ଼ୀପଦର, ପଦ୍ମନପୁର, ମକୁନ୍ଦପୁର ଆଦି ଗ୍ରାମ ପ୍ରଭାବିତ ହେଉଛି। ଏହି କ୍ରସର ପ୍ଲାଣ୍ଟ ଠାରୁ ୨୦୦ ମିଟର ଦୂରରେ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରହିଛି। କ୍ରସର ହେବାଦ୍ୱାରା ବିଶେଷ ଭାବେ ଛାତ୍ରଛାତ୍ରୀ ପ୍ରଭାବିତ ହେବା ଆଶଙ୍କା ରହିଛି। କ୍ରସର ହେବା ଦ୍ୱାରା ଏହାର ଗୁଣ୍ଡ ଚାଷ ଜମିରେ ପଡ଼ି ଫସଲ ନଷ୍ଟ ହେବା ସହିତ ଗୁଣ୍ଡ ଉଡ଼ି ବାୟୁ ପ୍ରଦୂଷଣ ହୋଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଏ ନେଇ ସମ୍ପୃକ୍ତ ଗ୍ରାମବାସୀ ପୂର୍ବରୁ ୨ ଥର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ଫଳରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳଙ୍କୁ



ପୁଣି ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ତଦନ୍ତ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁସାରେ କୌଣସି ପ୍ରକଳ୍ପ ହେବା ପୂର୍ବରୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଗ୍ରାମବାସୀଙ୍କୁ ନେଇ ଜଣଶୁଣାଣି ହେବା କଥା କିମ୍ବା ପ୍ରକଳ୍ପ ହେବା ପାଇଁ କାହାର ଅଭିଯୋଗ ଥିଲେ ତୁରନ୍ତ ଅଭିଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୋଟିସ ହେବା କଥା; କିନ୍ତୁ ସମ୍ପୃକ୍ତ କଂପାନୀ କିଛି ଦଲାଲଙ୍କ ସାହାଯ୍ୟରେ ସରପଞ୍ଚଙ୍କଠାରୁ ଏନ୍ଓସି ହାତେଇବାରେ ସଫଳ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଅଫିସ ସମୟରେ ସରକାରୀ ବାସଭବନରେ ରୋଗୀ ଦେଖା

**ଶଗଡ଼ା, ୭ ।୨(ସମିସ):** ଗତବର୍ଷ ଉମା ପଞ୍ଚାୟତ ସମାଡ଼ାଙ୍ଗିଠାରେ ମାଓବାଦୀ ଓ ଯବାନ ମଧ୍ୟରେ ହୋଇଥିବା ଗୁଳି ବିନିମୟ ସମୟରେ ଆହତ ହୋଇଥିବା ଦୁଇ ସୁରକ୍ଷାକର୍ମୀଙ୍କୁ ଚିକିତ୍ସା କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା କନ୍ଧମାଳ ମେଡ଼ିକାଲ ଅଫିସର ଡ. ଜଗଦୀଶ ସେଠୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଛି। ସରକାର ଡାକ୍ତରଖାନା ଖୋଲି ରୋଗୀଙ୍କୁ ମାଗଣାରେ ଚିକିତ୍ସା ସହ ମାଗଣା ଔଷଧ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି; ହେଲେ ଡାକ୍ତରଖାନାରେ ନିଜେ ମେଡ଼ିକାଲ ଅଫିସର ନିଜର ଡ୍ୟୁଟି ସମୟରେ ଡାକ୍ତରଖାନା ପରିସରରେ ଥିବା ସରକାରୀ ବାସଭବନରେ ଫି’ ନେଇ ରୋଗୀ ଦେଖୁଥିବା ଅଭିଯୋଗ ହୋଇଛି। ଏ ଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ବ୍ଲକ ସଦର ଡାକ୍ତରଖାନାରେ। କନ୍ଧମାଳ ଡାକ୍ତରଖାନାର ମେଡ଼ିକାଲ ଅଫିସର ସରକାରୀ ନିୟମକୁ ବେଖାତିର କରି ଡ୍ୟୁଟି ସମୟରେ ନିଜ ସରକାରୀ ବାସଭବନରେ ଫି’ ନେଇ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି; ଯାହା ଫଳରେ ଲୋକେ ମାଗଣା ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଘଟଣା ସମ୍ପର୍କରେ ଡ. ସେଠୀଙ୍କୁ ପଚାରିବାରୁ ସେ କାହାକୁ ଫି’ ମାଗୁ ନାହାନ୍ତି। ରୋଗୀ ନିଜ ଇଚ୍ଛାରେ ଟଙ୍କା ଦେଉଛନ୍ତି ବୋଲି କହିଥିଲେ।



**ଗଛରେ ପିଟିହେଲା କୋଇଲା ବୋଝେଇ ଟ୍ରକ୍**

# ଦୁର୍ଘଟଣାର ୫ ଘଣ୍ଟା ପରେ ଚାଳକ ଉଦ୍ଧାର

**ଲାଞ୍ଜିଗଡ଼, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜପଥ ମରଣଯନ୍ତା ସାଜିଛି। ଏହି ରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି।

ରାୟଗଡ଼ା ପଟୁ କୋଇଲା ବୋଝେଇ କରି ଟ୍ରକଟି ବରଗଡ଼ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ କିଡିଙ୍ଗ ଛକ ନିକଟସ୍ଥ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କିଡିଙ୍ଗ ଗାଁର ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ସିକେରକୁପା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ମିନାରାଓ ଶବର ଏବଂ ନର୍ଲା ଏସ୍ଆଇ କୃତିବାସ ପୁଝାରୀଙ୍କ ନେତୃତ୍ୱରେ ପୁଲିସ ବାହିନୀ, ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ, ଯୁବ ସାମ୍ବାଦିକ ନିଲେଶ ନାଗ, ଜଗନ୍ନାଥ ଗହିର, କପିଳାସ ରାଉତ, ଭୂତେଶ୍ୱର ଶବର, ବିନୋଦ ଛତ୍ରିଆଙ୍କ ସହଯୋଗରେ ଫସି ରହିଥିବା ଡ୍ରାଇଭରଙ୍କୁ ଦୀର୍ଘ ୫ ଘଣ୍ଟା ପରେ ବହୁ କଷ୍ଟରେ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## କପା ମିଲ୍‌ରେ ଅଗ୍ନିକାଣ୍ଡ

**କେସିଙ୍ଗା/ଗାଇଗାଁ, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଚାଞ୍ଚେର ପଞ୍ଚାୟତ କୋକୋମୁଣ୍ଡାରେ ଗୋପାଳ କପା ମିଲ୍‌ରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କପା ନଷ୍ଟ ହୋଇଛି। କେସିଙ୍ଗା ଓ ଭବାନୀପାଟଣାରୁ ୩ଟି ଦମକଳ ପହଞ୍ଚି ନିଆଁ ଲିଭାଇଥିଲେ। କର୍ଲାପଡ଼ା ଫାଣ୍ଡି ଅଧିକାରୀ ଅସିତ ପଣ୍ଡା ସ୍ଥିତି ଅନୁଧ୍ୟାନ କରିଥିଲେ। ସକାଳୁ ମିଲ୍ କର୍ମଚାରୀ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ପ୍ରେସ୍ ମେସିନରୁ ନିଆ ବାହାରି ବେଲ୍ଟ ସାହାଯ୍ୟରେ ବ୍ୟାପି ଗଲା। ଉପସ୍ଥିତ କର୍ମଚାରୀ ବିଦ୍ୟୁତ କାଟ କରି ନିଆଁ ଲିଭାଇବାକୁ ଲାଗିପଡ଼ିଥିଲେ। କପା ବିକ୍ରି ସକାଶେ ଆସିଥିବା ଚାଷୀ ସହଯୋଗ କରିଥିଲେ।

## ନିମ୍ନମାନର ଶୌଚାଳୟ ନିର୍ମାଣ

**ଶଗଡ଼ା, ୭ ।୨(ସମିସ):** କନ୍ଧମାଳ ବ୍ଲକ ପଲସାଗୋରାସ୍ଥିତ ପଞ୍ଚାୟତ କଲେଜରେ ନିର୍ମାଣାଧୀନ ଶୌଚାଳୟ ଅତି ନିମ୍ନମାନର କାର୍ଯ୍ୟ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଉକ୍ତ ଶୌଚାଳୟ ନିହ ଖୋଳି ପଥର ପ୍ୟାଚିଂ କରି କାନ୍ଥ ଉଠାଇବାର ନିୟମ ଥିଲେ ସୁଦ୍ଧା ସମ୍ପୃକ୍ତ ଠିକାଦାର ନିଜର ମନମୁଖୀ ନିର୍ମାଣ କରିବା ସହ ଅତି ନିମ୍ନମାନର କାମ କରୁଥିବା ଦେଖିବାକୁ ମିଳିଛି। କେବଳ ଉପରୁ କାନ୍ଥ ଉଠାଉଥିବା ବେଳେ ଏହା ସାମାନ୍ୟ ଧକ୍କାରେ ମଧ ଭାଙ୍ଗି ଯିବାର ଆଶଙ୍କା ଦେଖା ଦେଇଛି। ଶୌଚାଳୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ ଓ ନିର୍ମାଣ ସାମଗ୍ରୀ କଲେଜ ପରିସରରେ ରଖିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। କଲେଜ ଅଧ୍ୟକ୍ଷଙ୍କ କଥାକୁ ସମ୍ପୃକ୍ତ ଠିକାଦାର ମାନୁ ନ ଥିବା ଜଣାପଡ଼ିଛି।



# ଜହ୍ନାପଙ୍କ ହାଇସ୍କୁଲ ୨୦୦୩ ମେଟ୍ରିକ୍ ବ୍ୟାଚର ଗୁରୁପୂଜା

**ଜହ୍ନାପଙ୍କ, ୭ ।୨(ସମିସ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ୨୦୦୩ ମେଟ୍ରିକ୍ ବ୍ୟାଚର ଗୁରୁପୂଜନ ଉତ୍ସବ ଡମ୍ବୁରୁଗଡ଼ରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ସ୍ୱର୍ଗତ ସ୍ୱାଧୀନ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ମହାକୁଳ, ସୁରେନ୍ଦ୍ର ମଲ୍ଲିକ, ପ୍ରମୋଦ କୁମାର ଚାନ୍ଦ, ରାଜେନ୍ଦ୍ର ପ୍ରସାଦ ଗାଇଗୌରିଆ, ରଞ୍ଜିତ କୁମାର ରାଉତ, ନନ୍ଦକିଶୋର ସାହୁ, ବରିଷ୍ଠ କିରାଣୀ ପୂର୍ଣ୍ଣଚନ୍ଦ୍ର ମେହେର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଗୁରପୂଜା କରିଥିଲେ। ଟୁକୁ ମେହେର ମଞ୍ଚ ପରିଚାଳନା କରିଥିଲେ। ସୁନିତ ସାହୁ, ଗଜେନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ହୋତା, ପ୍ରଶାନ୍ତ ଜେନା, ସତ୍ୟ ନାରାୟଣ ପାଣିଗ୍ରାହୀ, ବିପିନ ରଣା, କୈଳାସ ବେହେରା, ରଞ୍ଜିତ ଚାନ୍ଦ, ରଶ୍ମିତା ପଣ୍ଡା, ଜ୍ୟୋତିର୍ମୟୀ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସୋନପୁର, ୭ ।୨(ସମିସ):** ସୋନପୁର ମହାରାଜା ହାଇସ୍କୁଲର ଆଦର୍ଶ ଗଣିତ ଶିକ୍ଷକ ତଥା ଗୀତା ଭାଷ୍ୟ ସଙ୍କଳନର ରଚୟିତା ପ୍ରସନ୍ନ କୁମାର ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ଏନଜିଓସିସି ହଲ୍‌ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ଅବକାରୀ ଅଧିକ୍ଷୀକା ସୁମତି ତ୍ରିପାଠି, ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାଏକ, ଶ୍ରୀବତ୍ସ ମଲ୍ଲିକ, ମହାନଦୀ ନେତ୍ର ଚିକିତ୍ସାଳୟର ଡା. ପ୍ରଶାନ୍ତ ସିଂହ, ଡାକ୍ତର ଲକ୍ଷ୍ମଣ ପଣ୍ଡା ଯୋଗ ଦେଇଥିଲେ। ଶିବିରର ଆୟୋଜକ ପଠାଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଗୋପାଳ ଜୀ ଯୋଗାଳୟ, ରକ୍ତ ଦାତା ସଂଘ, ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ସଂଘ, ବାପୁଜୀ କ୍ଲବ୍, ପଏଁରୀ, କୃଷକ ସଂଘ, ଅଣ ଗେଜେଟେଡ କର୍ମଚାରୀ ସଂଘ ସହଯୋଗ କରିଥିଲା। ମନୋରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ମହାଦେବ ମଲ୍ଲିକ, ରଞ୍ଜନ ବାରିକ, ଭାସ୍କର ଦାଶ, ସୁଶାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ପଶ୍ଚିମ ଓଡ଼ିଶା ସାହୁ ସମାଜର ଶୀର୍ଷ କମିଟି ବୈଠକ

**ବଲାଙ୍ଗିର, ୭।୨ (ସମିସ):** ପାଟଣାଗଡ଼ ବ୍ଲକ ବାଘମୁଣ୍ଡ ଗାଁରେ ପଶ୍ଚିମ ଓଡ଼ିଶା ହଳଦିଆ ତୈଳିକ ବୈଶ୍ୟ ସାହୁ ସମାଜର ଶୀର୍ଷ କମିଟି ବୈଠକ ସଭାପତି ଚୈତନ୍ୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର ସାତଟି ଅଞ୍ଚଳର ସଭାପତି, ସଂପାଦକ, ସମସ୍ତ ଅଞ୍ଚଳ ସଭ୍ୟ ତଥା ସମସ୍ତ ଚକର ସଭାପତି, ସଂପାଦକ, ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। ବାହାଲଭଟଲି ଅଞ୍ଚଳ ସଭାପତିଙ୍କ ତତ୍ତ୍ୱାବଧାନରେ ବାଘମୁଣ୍ଡ ଚକର ସଭାପତି, ସଂପାଦକ ତଥା ସମସ୍ତ ସଭ୍ୟ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସମସ୍ତ ଅଞ୍ଚଳ ସଭାପତି ନିଜ ଅଞ୍ଚଳ କମିଟିରେ ଗୃହୀତ ହୋଇଥିବା ନୀତି ନିୟମ୍ ପଠନ କରିଥିଲେ। ପରେ ଉକ୍ତ ନିୟମାବଳୀକୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ କରିଥିଲେ। ଶୀର୍ଷ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ହଜାର ଗଞ୍ଜେଇ ଗଛ ନଷ୍ଟକଲା ଘଣ୍ଟାପଡ଼ା ପୁଲିସ



**ଶଗଡ଼ା, ୭ ।୨(ସମିସ):** ଘଣ୍ଟାପଡ଼ା ଥାନା ଉମା ପଞ୍ଚାୟତ ଅଧୀନ ସମାଡଙ୍ଗି ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ପୁଲିସ ଚଢ଼ଉ କରି ବେଆଇନ ଭାବେ ଚାଷ ହୋଇଥିବା ୧୦ ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ହେବ ବୋଲି ଜଣା ପଡ଼ିଛି। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ସଇଁତଲାରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ

**ସଇଁତଲା, ୭।୨(ସମିସ):** ସଇଁତଲା ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ହାଟପଦା ପରିସରରେ ୪ ଦିନ ଧରି ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ ହୋଇଯାଇଛି। ଗାୟତ୍ରୀ ପରିବାର ସଂଯୋଜକ ସୁଶାନ୍ତ ମାଝୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ ହେଉଥିବାବେଳେ ହରିବନ୍ଧୁ ସାହୁ ତାଙ୍କ ଧର୍ମପତ୍ନୀ ମିନା ସାହୁ କର୍ତ୍ତା ଥିଲେ। ରୁଷିପୁତ୍ର ପ୍ରଶାନ୍ତ ଅଗ୍ରୱାଲ, ପଙ୍କଜିନୀ ପଣ୍ଡା ଓ ତାଙ୍କ ସାଥୀ ପରିଚାଳନା କରୁଥିଲେ। ପ୍ରହରିପ୍ରସାଦ ଅଗ୍ରୱାଲ, ଅଖିଳ ସାହୁ, ପ୍ରଦୀପ ଜାଲ, ପ୍ରମୋଦ ବୈଠାରୁ, ଭୀମସେନ ସ୍ୱାଇଁ, ବନବିହାରୀ ସାହୁ, ସୁରେଶ ରଣା, ସୋମନାଥ ପଟେଲ, ସରୋଜ ବୈଠାରୁ, ମଦନ ଲାଲ ଅଗ୍ରୱାଲ, ପ୍ରମୋଦ ଅଗ୍ରୱାଲ, ବିନୟ ଭୋଇ, ନାରାୟଣ ଜାଲ, ସମୀର ବୈଠାରୁ, ମୁନୁ ପଟେଲ, ଅନି ରାଓ ଓ ସହ ଗାୟତ୍ରୀ ପରିବାରର ବହୁ ସଦସ୍ୟ ସହଯୋଗ କରୁଥିଲେ।

## ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା ଉଦ୍‌ଯାପିତ

**ଡୁଙ୍ଗୁରିପାଲି, ୭ ।୨(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶୁଖା କ୍ଲଷ୍ଟର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଦ୍ୱିଦିବସୀୟ ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଗତ ଦୁଇ ଦିନ ଧରି ଚାଲିଥିବା କର୍ମଶାଳାର ପ୍ରଥମ ଦିନରେ ଆଞ୍ଚଳିକ ସାଧାନକର୍ମୀ ସୁରେଶ କୁମାର ନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏଥିରେ କ୍ଲଷ୍ଟରର ୮ଟି ବିଦ୍ୟାଳୟରୁ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ଖେଳଣକ୍ଷ ତିଆରି କରିଥିଲେ; ଯାହାକି ଆମ ସଂସ୍କୃତି ସହ ଜଡିତ। ଏବିଇଓ ବାଟକୃଷ୍ଣ ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସଂସ୍କୃତି ଓ ଖେଳଣା କିପରି ପରସ୍ପର ପରିପୂରକ ଏବଂ ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହାର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ସୂର୍ଯ୍ୟଭାନୁ ହରିପାଳ ଧନ୍ୟବାଦ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ବିନିକା, ୭ ।୨(ସମିସ):** ବିନିକା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଫୁଲମୁଠି ତରଫରୁ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ ୧୨୮ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ନମ୍ରତା ଖେତୀ ଓ ସାବିତ୍ରୀ ସାହୁ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବାଉଁଶୁଣି ଜଗନ୍ନାଥ ଜୁନିଅର କଲେଜର ଅଧ୍ୟକ୍ଷ ବନବିହାରି ମିଶ୍ର ମୁଖ୍ୟଅତିଥି, ଲଛିପୁର ବିଦ୍ୟାଳୟର ଅରୁଣ ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ, ସଙ୍ଗୀତା ପୁରୋହିତ, ଖେଳ ଶିକ୍ଷୟତ୍ରୀ ବିଦ୍ୟୁଲତା କର, ଅଧ୍ୟାପକ ଅଶୋକ ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଅଧ୍ୟାପକ ସବ୍ୟସାଚୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ ଶିବିର ପରିଚାଳନାରେ ବିଦ୍ୟାଳୟର ସମସ୍ତ ଷ୍ଟାଫ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ସାହାଜପାଲ, ୭ ।୨(ସମିସ):** ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିପିଓ ବିରଞ୍ଚି ପଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସସ୍ମିତା ପାଣ୍ଡେ, ନାଏବ ସରପଞ୍ଚ ତରଣୀ ମେହେର, ସମିତି ସଭ୍ୟା ସତ୍ୟଭାମା ସେଠୀ, ମୁଣ୍ଡିପଦର ସେବା ସମବାୟ ସମିତିର ସଭାପତି ହେମାନନ୍ଦ ଦାସ, କନିଷ୍ଠ ଯନ୍ତ୍ରୀ ସୁପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଶିବିରରେ ସିଆରପି, ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ସମେତ ଜନ ସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

**ତରଭା, ୭ ।୨(ସମିସ):** ସୋନପୁର ବ୍ଲକ ଖରଝୁରା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁବାଷ ତାଣ୍ଡିଙ୍କ ସଭାପତିତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ସମ୍ମାନିତ ଅତିଥି ଭାବେ ସୋନପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁ, କରମଚାନ୍ଦ ମହାନ୍ତି, ମଧୁସୂଦନ ଓତା, ସମିତି ସଭ୍ୟା କୌଶଲ୍ୟା ସୁନା ଯୋଗଦେଇ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିଥିଲେ। ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମସ୍ତ ଅଙ୍ଗନବାଡ଼ି ଓ ଆଶାକର୍ମୀ, ଏମବିକେ, ସିଆରପି, ଏସଏଚଜି ମହିଳା ତଥା ଖରଝୁରା ପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ।



# ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କ ଶିଳ୍ପାନୁଷ୍ଠାନ ପରିଦର୍ଶନ

**କୋକସରା/ଆମପାଣି, ୭ ।୨(ସମିସ):** କୋକସରା ବ୍ଲକ ଆମପାଣି ବୁଢାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷାର୍ଥୀମାନେ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଛନ୍ତି। ପାଇପ୍ ମିସ୍ତ୍ରୀ ପାଠ୍ୟରେ ଅଧ୍ୟୟନରତ ବିଦ୍ୟାର୍ଥୀମାନେ କୋକସରା ବ୍ଲକ କୁସୁମଖୁଣ୍ଟିସ୍ଥିତ ପାଇପ୍ ଫେକ୍ଟ୍ରି ଓ ଏଲଆଣ୍ଡଟି କମ୍ପାନୀ ଦ୍ୱାରା ଲିଫ୍ଟ ଇରିଗେସନ ପାଇଁ ସ୍ଥଗିତ ଥିବା ପାଇପ୍ ସରଞ୍ଜାମ ଷ୍ଟୋରକୁ ପରିଦର୍ଶନରେ ଯାଇଥିଲେ। ହିମାଂଶୁ ଶେଖର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ ଏହି ପରିଦର୍ଶନରେ ସାମିଲ ହୋଇ ଆଜିର ଦିନରେ ଆନନିର୍ଭରଶୀଳ ହେବା ପାଇଁ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ।




# କାୟାକଳ୍ପ ଟିମ୍‌ର ରୁପ୍ରାରୋଡ୍ ଡାକ୍ତରଖାନା ପରିଦର୍ଶନ




**ନର୍ଲା, ୭ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରୁପ୍ରାରୋଡ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଜିଲ୍ଲାସ୍ତରୀୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛି। ଏହି ଟିମ୍‌ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ମ୍ୟାନେଜର ରୀତା ନାଏକ, ବିକାଶ ଦାଶ, ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଅକ୍ଷୟ ଗୋଛାୟତ, ସବୀର ପଧାନ ପ୍ରମୁଖ ପରିଦର୍ଶନ କରି ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ଆଦେଶ ପ୍ରସାଦ ମାଝୀ, କରିନା ହରପାଲ, ଫାର୍ମାସିଷ୍ଟ କେ ତ୍ରିପତି ରାଓ ପାତ୍ର, ସ୍ୱାସ୍ଥ୍ୟକର୍ମୀ ରେଣୁକା ମହାନ୍ତି, ଆଟେଣ୍ଡାଣ୍ଟ ରମେଶ ବିଶୋଇ, ସଫେଇକର୍ମୀ ହେମା ନାଏକ, ଆଶିଷ ଖାଡାଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

